

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୬ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 06 August 2024

Vol.No. 35 ■ No.211 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବାଂଲାଦେଶରେ ହସିନା ଯୁଗ ଶେଷ

■ ପଦରୁ ଇସ୍ତଫା ପରେ ଦେଶ ଛାଡ଼ିଲେ ପ୍ରଧାନମନ୍ତ୍ରୀ, ଭାରତ ଶରଣରେ ଶେଖ୍ ହସିନା

■ ଅଜିତ ଡୋଭାଲଙ୍କୁ ଭେଟିଲେ ହସିନା, ସୁରକ୍ଷା ବୈଠକର ଅଧ୍ୟକ୍ଷତା କଲେ ମୋଦି

■ ବାଂଲାଦେଶ କ୍ଷମତା ପରିବର୍ତ୍ତନ ପଛରେ ପାକିସ୍ତାନ!





ଢ଼ାକା, ୫/୮ : ବାଂଲାଦେଶରେ ଅନେକ ଦିନ ଧରି ଲାଗିଥିବା ସଂରକ୍ଷଣ ହିଂସା ଭିତରେ ବଡ ଖବର ଆସିଛି। ପାଖାପାଖି ୨୦ ଲକ୍ଷ ନାଗରିକ ପ୍ରଧାନମନ୍ତ୍ରୀଙ୍କ ଭବନ ନିକଟରେ ବିକ୍ଷୋଭ କରିବା ପରେ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ନିଜ ପଦରୁ ଇସ୍ତଫା ଦେଇଛନ୍ତି । ସେ ଇସ୍ତଫା ଦେଇ ତୁରନ୍ତ ହେଲିକପ୍ଟର ସହାୟତାରେ ଦେଶ ଛାଡିଚନ୍ତି । ସୂତ୍ର ସୂଚନା ମୁତାବକ ତାଙ୍କ ହେଲିକପ୍ଟର ପଶ୍ଚିମବଙ୍ଗର ଅଗରତାଲାରେ ଅବତରଣ କରିଛି। ଏଠାରେ ପ୍ରଶ୍ନ ଉଠୁଛି ଭାରତ କ'ଣ ଶେଖ୍ ହସିନାଙ୍କୁ ଶରଣ ଦେବ? ବାଂଲାଦେଶ ଗଣମାଧ୍ୟମର ସୂଚନା ମୁତାବକ କିଛିଦିନ ହେବ ସରକାରଙ୍କ ବିରୋଧରେ ପ୍ରଦର୍ଶନ କରୁଥିବା ଲକ୍ଷ ଲକ୍ଷ ଲୋକ ଆଜି ପ୍ରଧାନମନ୍ତ୍ରୀଙ୍କ ଭବନ ଘେରାଉ କରିଥିଲେ । ପରିସ୍ଥିତି ଅଣାୟତ ହେବାକୁ ବାଂଲାଦେଶ ସେନା ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଇସ୍ତଫା ଦେବାକୁ ପ୍ରସ୍ତାବ ଦେଇଥିଲା । ସେନା ପ୍ରସ୍ତାବକୁ ଗ୍ରହଣ କରି ଶେଖ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ତୁରନ୍ତ ସେନା ସହାୟତାରେ ଦେଶ ଛାଡି ଭାରତରେ ପହଂଚିଛନ୍ତି। ସେପଟେ ବାଂଲାଦେଶ ସେନା ମୁଖ୍ୟ ଜେନରଲ ବକାର ଓଜ୍ ଜଜ୍ମାନ କହିଛନ୍ତି କି, ତୁରନ୍ତ ସବୁ ବିଷୟରେ ଚର୍ଚ୍ଚା କରାଯାଇ ସେନା ଅନ୍ତରୀଣ ସରକାର ଚଳାଇବ । ଏହାସହ ସେ ଦେଶର ନାଗରିକଙ୍କୁ ସେନା ଉପରେ ଭରଶା କରିବାକୁ ଅନୁରୋଧ କରିଛନ୍ତି । ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଅତର୍କିତ ଭାବେ ଭାରତ ଚାଲଥିବା ଆସିଥିବା ଶେଖ ହସିନା ଆଜି ଗାଜିଆବାଦ ଏୟାରବେସ୍‌ରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କୁ ଭେଟିଛନ୍ତି। ହସିନା ଅପରାହ୍ନ ୫.୩୬ ମିନିଟରେ ଗାଜିଆବାଦର ହିଣ୍ଡନ ଏୟାରବେସ୍‌ରେ ଲ୍ୟାଣ୍ଡ କରିଥିଲେ। ତାଙ୍କ ହେଲିକପ୍ଟର ଏଠାରେ ପହଞ୍ଚିବା ପରେ ତାଙ୍କୁ ଭାରତୀୟ ବାୟୁସେନାର ଅଧିକାରୀମାନେ

▶▶ପୃଷ୍ଠା ୭

## ରତ୍ନଭଣ୍ଡାରର ହେବ ଟେକ୍ନିକାଲ ସ୍କାନିଂ



ପୁରୀ, ୫/୮ (ନି.ପ୍ର): ଶେଷ ହୋଇଛି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ । ବୈଠକରେ ସମୁଦାୟ ୬ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଛି । ଭିତର ଓ ବାହାର ରତ୍ନଭଣ୍ଡାର ସ୍ଥାନାନ୍ତରଣ ପ୍ରକ୍ରିୟାକୁ ଅନୁମୋଦନ କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ଆଲୋଚନା ହୋଇଛି । ଟେକ୍ନିକାଲ ସ୍କାନିଙ୍ଗ ଉପରେ ରାଜ୍ୟ ସରକାଙ୍କ ଦୃଷ୍ଟି ଆକର୍ଷଣ କରାଯିବ । ସେହିପରି ଶ୍ରୀମନ୍ଦିର ଜମିକୁ ଦଲାଲମୁକ୍ତ କରାଯିବ ବୋଲି ମଧ ଆଲୋଚନା ହୋଇଛି। ଯେକୌଣସି ବ୍ୟକ୍ତି ଶ୍ରୀମନ୍ଦିର ଜମି ଉପରେ ଯଦି ଲୋଲୁପ ଦୃଷ୍ଟି ପକାନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାସହ ଭୂ- ସମ୍ପତ୍ତି ପରିଚାଳନା ଅଧିନିୟମ ପାଇଁ ଆଲୋଚନା ହୋଇଛି ।

▶▶ପୃଷ୍ଠା ୭

## ଓଡ଼ିଆ ପାଠ ପଢୁଛନ୍ତି ସରକାରୀ କର୍ମଚାରୀ ଓ ବାବୁ



ଭୁବନେଶ୍ୱର, ୫/୮ (ନି.ପ୍ର): ସରକାର କର୍ମଚାରୀ ଓ ବାବୁମାନେ ଓଡ଼ିଆ ପାଠ ପଢୁଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ଥିବା ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ଆରମ୍ଭ ହୋଇଛି ପ୍ରଶିକ୍ଷଣ। ସଂସ୍କୃତି ଭବନରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଯଥା ଇଝଙ, ଝଙ ଓ ଡେସ୍କ ଅଫିସରଙ୍କଠାରୁ ଅଣ୍ଡର ସେକ୍ରେଟାରୀ ପର୍ଯ୍ୟନ୍ତ ଅଧିକାରୀମାନେ ସାମିଲ ହୋଇଛନ୍ତି। ପ୍ରଶିକ୍ଷଣ ୫ଦିନ ଧରି ଚାଲିବ। ବିଭିନ୍ନ ବିଶ୍ୱବିଦ୍ୟାଳୟ ସମେତ ପ୍ରତିଷ୍ଠିତ ଭାଷାବିତ୍ ଓ ସାହିତ୍ୟିକମାନେ ପ୍ରଶିକ୍ଷଣ ଦେଉଛନ୍ତି। ବୃତ୍ତିଗତ ଭାଷା ଓ ଶବ୍ଦକୋଷକୁ କିପରି ସୁବିନିଯୋଗ କରାଯିବ, ସେନେଇ ଟ୍ରେନିଂ ଦିଆଯାଉଛି। ସକାଳେ ପୋଥିଗତ ବିଦ୍ୟା ପଢ଼ା ଓ ଅପରାହ୍ନରେ ତା'ର ବ୍ୟାବହାରିକ ଦିଗ ଶିଖା ହେଉଛି। ନିର୍ବାଚିତ ପ୍ରତିନିଧିମାନଙ୍କୁ ଓଡ଼ିଆ ଶବ୍ଦକୋଷ ଦିଆଯାଇଛି। ପରବର୍ତ୍ତୀ ସମୟରେ

▶▶ପୃଷ୍ଠା ୭

## ସ୍କୁଲ୍ ଯିବା ବେଳେ ବାଇକକୁ ଚାପିଦେଲା ଟ୍ରକ୍: ଚାଲିଗଲା ତିନିଜଣଙ୍କ ଜୀବନ

ଯୋଡ଼ା, ୫/୮ (ନି.ପ୍ର): ଯୋଡ଼ା ଫ୍ଲାଏ ଓଭର ନିକଟରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ବାଇକକୁ ଟ୍ରକ୍ ପଛପଟୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ତିନି ମୃତକ ହେଲେ ଗଣେଶ ଶର୍ମା, ନିକିତ ଘୋଷାଲ ଓ ସନ୍ତୋଷ ଶର୍ମା। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟା ବେଳେ ସନ୍ତୋଷ ଶର୍ମା। ନିଜ ପୁଅ ଗଣେଶ ଓ ପଡ଼ୋଶୀଙ୍କ ପୁଅ ନିକିତ ଘୋଷାଲଙ୍କୁ ଡିଏଭି ସ୍କୁଲକୁ ନେଇ ଆସୁଥିଲେ। ହେଲେ ଯୋଡ଼ା ଫ୍ଲାଏଓଭର ନିକଟରେ

▶▶ପୃଷ୍ଠା ୭

## ୫୦୦୦ ଲୋକଙ୍କ ଗୁହାରୀ ଶୁଣିଲେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ



ଭୁବନେଶ୍ୱର, ୫/୮ (ନି.ପ୍ର): ଆଜି ଖୋଲିଥିଲା ମୁଖ୍ୟମନ୍ତ୍ରୀ ପ୍ରକୋଷ୍ଠ। ସକାଳ ୧୦ଟାରେ ଶୁଣାଣି ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମନ୍ତ୍ରୀ। ଅଭିଯୋଗ ଶୁଣାଣି ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ସମୁଦାୟ ୨୪୦୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ପ୍ରାୟ ୫ ହଜାରରୁ ଅଧିକ ଲୋକ ଗୁହାରୀ ଶୁଣିଥିଲେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ। ଖୋର୍ଦ୍ଧା ଟାଙ୍ଗୀର ବ୍ୟକ୍ତି ସନ୍ତୋଷ ସାହୁ। ସେ ଜଣେ ଦିବ୍ୟାଙ୍ଗ। ବିଧିବଦ୍ଧ ଭାବେ ଉପଯୁକ୍ତ ପ୍ରକ୍ରିୟାରେ ନିଯୁକ୍ତି ପାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କୁ ଚାକିରିରୁ ବାହାର କରିଦିଆଯାଇଛି। ଗତ ୮ ବର୍ଷ ହେଲା ପାଞ୍ଚ ପ୍ରାଣୀ କୁଟୁମ୍ବକୁ ପୋଷିବା ପାଇଁ ସେ ବହୁତ ଦୁଃଖ କଷ୍ଟ ସହୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୁହାରୀ କରିଛନ୍ତି। ସନ୍ତୋଷଙ୍କ ଗୁହାରୀ ଶୁଣି ଉପଯୁକ୍ତ ଅନୁସନ୍ଧାନ କରି ନ୍ୟାୟ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ସେ ଆଶ୍ୱସ୍ତ ହୋଇ ଫେରିଛନ୍ତି। ସେହିପରି ଗଞ୍ଜାମ ଜିଲ୍ଲାର ଗୋଟିଏ ଗରିବ ପରିବାରର ଦିବ୍ୟାଙ୍ଗ ଯୁବକ ବୁଲୁ ବିଶ୍ୱାଳ। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ସହିତ ପରିବାର ଚଳାଇବା ପାଇଁ ସ୍କୁଟି ଦେବାକୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ସ୍କୁଟି ଦିଆଯିବ ବୋଲି କଥା ଦେଇଛନ୍ତି। ସେଥିପାଇଁ ସେ ଖୁସି ମନରେ ଫେରିଛନ୍ତି। ଭୁବନେଶ୍ୱର ଶିରିପୁର ଅଞ୍ଚଳର ସୁଭାଷିନୀ ଦେଇ। ବୟସ ୮୨ ବର୍ଷ। ବେଗୁନିଆ ବ୍ଲକରେ ଭତ୍ତା ପାଉଛନ୍ତି। ତାଙ୍କ ଭତ୍ତାକୁ ଭୁବନେଶ୍ୱରରେ ପ୍ରଦାନ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଓବିସିସିର ଅତିରିକ୍ତ ମୁଖ୍ୟଯନ୍ତ୍ରୀ: ଅମାପ ସଂପତ୍ତି ଠାବ

ଭୁବନେଶ୍ୱର, ୫/୮ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଥିବା ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ(ଓବିସିସି)ର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କ ଅମାପ ସଂପତ୍ତି ଦେଖି ତାଜୁବ୍ ଭିଜିଲାନ୍ସ ଟିମ୍। ପ୍ରଦୀପ କୁମାର ରଥଙ୍କର ୪୨ରୁ ଅଧିକ ପ୍ଲଟ, ଭୁବନେଶ୍ୱରରେ ୨ଟି ଦାମୀ ଫ୍ଲାଟ୍, ଭଦ୍ରକ ଓ ରାଜଧାନୀରେ ଦୁଇଟି ତିନିମହଲା ଘର, ରାଜଧାନୀରେ ମେଡିସିନ ଷ୍ଟୋର, ଢେଙ୍କାନାଳରେ କ୍ରସର ୟୁନିଟ୍, ୮୮ ଲକ୍ଷ ଜମା, ଗୋଟିଏ ଚାରି ଚକିଆ, ୨ଟି ଜେସିବି ଠାବ ହୋଇଛି। ଏହାଛଡ଼ା ସୁନା ହାର, ବ୍ରେସଲେଟ୍, ମୁଦି, ରୁପା କଏନ ଆଦି ମଧ ଜବତ ହୋଇଛି। ଏଣେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କ ସତ୍ୟନଗର

▶▶ପୃଷ୍ଠା ୭

## ଉତ୍ତରପ୍ରଦେଶରୁ ଆସୁଛି: ଦରକାର ପଡ଼ିଲେ ପଞ୍ଜାବରୁ ଆସିବ ଆଳୁ

ଭୁବନେଶ୍ୱର, ୫/୮ (ନି.ପ୍ର): ପଡ଼ୋଶୀ ପଶ୍ଚିମବଙ୍ଗ ସରକାର ବ୍ଲାକ୍‌ମେଲ କରିବାରୁ ଉତ୍ତରପ୍ରଦେଶରୁ ଆସୁଛି ଆଳୁ। ବର୍ତ୍ତମାନ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ ଆଳୁ ଅଛି। ଦରକାର ପଡ଼ିଲେ ପଞ୍ଜାବରୁ ଆଳୁ ଆସିବ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଶ୍ରୀ ପାତ୍ର କହିଛନ୍ତି, ଉତ୍ତରପ୍ରଦେଶ ଆଳୁ ଶୀଘ୍ର ପଚିବା କଥା ସମ୍ପୂର୍ଣ୍ଣ ମିଛ। ଉତ୍ତରପ୍ରଦେଶ ଆସିଥିବା ଆଳୁ ଓଡ଼ିଶାରେ ବିକ୍ରି ହେଲାଣି। ୟୁପି ଆଳୁର କ୍ୱାଲିଟି ବହୁତ ଭଲ। ପଶ୍ଚିମବଙ୍ଗ ବ୍ଲାକ ମେଲ ଶିକାର ନ ହୋଇ ଆମେ ଆମ ସ୍ୱାଭିମାନକୁ ଦେଖିଲୁ। ଖାଉଟିଙ୍କ ପାଖରେ

▶▶ପୃଷ୍ଠା ୭

## ଦିଲ୍ଲୀ ସରକାରଙ୍କୁ ଝଟ୍‌କା: ଏଲଜିଙ୍କୁ ମିଳିଲା ସୁପ୍ରିମ ପାୱାର



ନୂଆଦିଲ୍ଲୀ, ୫/୮ : ସୁପ୍ରିମକୋର୍ଟରୁ ଦିଲ୍ଲୀ ସରକାରଙ୍କୁ ଲାଗିଲା ବଡ଼ ଝଟ୍‌କା। ଦିଲ୍ଲୀର ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କୁ ମିଳିଲା ସୁପ୍ରିମ ପ୍ରାୱାର। ଦିଲ୍ଲୀ ଗଉଡରେ ଆଲର୍ଡମ୍ୟାନଙ୍କ ନିଯୁକ୍ତି ମାମଲାରେ ଉପରାଜ୍ୟପାଳ ବିନୟ ସାକ୍ସେସନାଙ୍କୁ ଆଶ୍ୱସ୍ତି ମିଳିଥିବା ବେଳେ ଆମ୍ ଆଦମୀ ପାର୍ଟି ସରକାରଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟ୍‌କା ଲାଗିଛି । ଲେଫ୍ଟନାଣ୍ଟ ଗଭର୍ଣ୍ଣର ଆଲର୍ଡମ୍ୟାନଙ୍କୁ ନିଯୁକ୍ତ କରିପାରିବେ ବୋଲି ଜଷ୍ଟିସ ପି. ଶ୍ରୀ ନରସିମ୍ହା ଏବଂ ଜଷ୍ଟିସ ସଞ୍ଜୟ କୁମାର ନିଜ ରାୟରେ କହିଛନ୍ତି। କହିରଖୁ ଯେ, ଏଲଜିଙ୍କ ଦ୍ୱାରା ୧୦ ଜଣ କାଉନସିଲରଙ୍କୁ ମନୋନୀତ କରିବା ନିଷ୍ପତ୍ତି ବିରୋଧରେ ଦିଲ୍ଲୀ ସରକାର ସୁପ୍ରିମକୋର୍ଟଙ୍କର ଦ୍ୱାରସ୍ଥ ହୋଇଥିଲା। ଏଲଜି ମନଇଚ୍ଛା ସେମାନଙ୍କ ବିନା ପରାମର୍ଶରେ କାଉନସିଲରଙ୍କୁ ନିଯୁକ୍ତି କରିଥିବା ଦିଲ୍ଲୀ ସରକାର ଅଭିଯୋଗ କରିଥିଲେ। ଏହି ନିଯୁକ୍ତିକୁ ବାତିଲ କରାଯିବା ଉଚିତ୍ ବୋଲି ଆପ୍ ଦାବି କରିଥିଲା। ଏହି ମାମଲାର ଆଜି ଶୁଣାଣି କରି ସୁପ୍ରିମକୋର୍ଟ ଏଲଜିଙ୍କ ୧୦ ଜଣ କାଉନସିଲରଙ୍କୁ ମନୋନୀତ କରିବା ନିଷ୍ପତ୍ତି ସଠିକ୍ ବୋଲି ଦର୍ଶାଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଗଉଡରେ କାଉନସିଲରଙ୍କୁ ମନୋନୀତ କରିବାର ଅଧିକାର ଏଲ୍‌ଜିଙ୍କ ପାଖରେ ରହିଛି। ଏଥିପାଇଁ ଦିଲ୍ଲୀ ସରକାରଙ୍କ ସହମତି ଆବଶ୍ୟକ ନୁହେଁ। ସୁପ୍ରିମକୋର୍ଟ କହିଛନ୍ତି, ଦିଲ୍ଲୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର ସରକାରଙ୍କ ପରାମର୍ଶ ବିନା ଗଉଡରେ ୧୦ ଜଣ ମନୋନୀତ କାଉନସିଲର ନିଯୁକ୍ତ କରିପାରିବେ। ନିର୍ବାଚିତ ସରକାରଙ୍କ ପରାମର୍ଶ ଅନୁଯାୟୀ ରାଜ୍ୟପାଳ କାମ କରିବା ଆବଶ୍ୟକ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରାୟ ୧୫ ମାସ ପର୍ଯ୍ୟନ୍ତ ସଂରକ୍ଷିତ ରଖିଥିଲେ। ଗତ ବର୍ଷ ମେ ୧୭ରେ, ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କୁ ଏମସିଡିରେ 'ଆଲର୍ଡମେନ' ନାମାଙ୍କନ ଦେବା କ୍ଷମତା ପ୍ରଦାନ

▶▶ପୃଷ୍ଠା ୭

## ଆଉ ଚାଲିବନି ୱାକଫ ବୋର୍ଡର ମନମାନି: କେନ୍ଦ୍ର ଆଣିବେ ସଂଶୋଧିତ ଆଇନ, ଖୁବଶୀଘ୍ର ନୂଆ ବିଲ ଆଗତ ସମ୍ଭାବନା

ନୂଆଦିଲ୍ଲୀ, ୫/୮ :ଆଉ ଚାଲିବନି ୱାକଫବୋର୍ଡର ମନମାନି ।ମୋଦୀ ସରକାର ଲଗାଇବେ ଲଗାମ । ଆସିବ ନୂଆ ଆଇନ । ୱାକଫବୋର୍ଡର ନିୟମକୁ ସଂଶୋଧନ କରି ନୂଆ ଆଇନ ଆଣିବାକୁ ଆଜି ପାରିତ ହୋଇପାରେ ବିଲ । ଯଦି ବିଲ ପାରିତ ହୋଇ ଆଇନରେ ପରିଣତ ହୁଏ ତେବେ ବୋର୍ଡର କ୍ଷମତା ସଙ୍କୁଚିତ ହେବ ଓ ଦେଶର ରାଜନୈତିକ ମାହୋଲରେ ମଧ ଏନେଇ ବଡ ଧରଣର ଉଷ୍ମତା ଦେଖାଯିବା ଆଶଙ୍କା ରହିଛି । ୱାକଫ ବୋର୍ଡକୁ ଆୟତ କରିବାକୁ ଯାଇ ଏକାଧିକ ନିୟମ ଆସିପାରେ ।୨୦୧୩ ମସିହାରେ ୟୁପିଏ ସରକାର ୱାକଫ ଆଇନରେ ସଂଶୋଧିନ କି ବୋର୍ଡର କ୍ଷମତା ବଢ଼ାଇଥିଲେ ।

## ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଆଶଙ୍କା: ଇସ୍ରାଏଲକୁ ଚାରିପଟୁ ଘେରିଲେଣି ହୁତି, ହିଜବୁଲ୍ଲା, ହମାସ



ନୂଆଦିଲ୍ଲୀ, ୫/୮ : ହମାସ ମୁଖ୍ୟ ଇସମାଇଲ ହାନିୟାର ହତ୍ୟା ପ୍ରତିଶୋଧ ନେବାକୁ ରକ୍ତମୁଖା ଇରାନ । ୪୮ଘଂଟା ଭିତରେ ଇସ୍ରାଏଲ ଉପରେ ଆକ୍ରମଣ ଆଶଙ୍କା ବଢୁଛି । ସବୁଠୁ ଚିନ୍ତାର ବିଷୟ ହେଉଛି ଇସ୍ରାଏଲ ଉପରେ କେବଳ ଇରାନ ନୁହେଁ ଏହା ସମର୍ଥିତ ଆତଙ୍କୀ ସଂଗଠନ ହୁତି ଓ ହିଜବୁଲ୍ଲା ମଧ ହାତ ମିଶାଇବା ସହ ବଡଧରଣର ଆକ୍ରମଣ କରିବାକୁ ଆଗକୁ ବଢୁଥିବା ସୂଚନା ମିଳିଛି । ଅର୍ନ୍ତଜାତୀୟ ଗଣମାଧମ ରିପୋର୍ଟ ଅନୁସାରେ ଲେବାନନ ପାଲଟିପାରେ ଯୁଦ୍ଧ କ୍ଷେତ୍ର । କାରଣ ଇସ୍ରାଏଲ ଓ ଲେବାନନ ସୀମା ଲାଗି ରହିଛି । ଏଠାରୁ ହିଁ ହିଜବୁଲ୍ଲା ସିଧାସଳଖ ଇସ୍ରାଏଲ ମିସାଇଲ ମାଡ଼ ଆରମ୍ଭ କରିଛି । ସ୍ଥିତିକୁ ଦୃଷ୍ଟିରେ ରଖି ଲେବାନନରେ ଥିବା ନାଗରିକଙ୍କୁ ତୁରନ୍ତ ଛାଡିବାକୁ ଆମେରିକା ଆଡଭାଇଜରି ଜାରି କରିଛି । ଆମେରିକା ସହ ଅନେକ ୟୁରୋପୀୟ ଦେଶମାନେ ବି ନିଜ ନିଜର ନାଗରିକଙ୍କୁ ଲେବାନନ ଛାଡି ରହିବାକୁ କହିଛନ୍ତି । ସେପଟେ ମିଳିତ ଆକ୍ରମଣକୁ ମୁକାବିଲା ପାଇଁ ପ୍ରସ୍ତୁତ ଇସ୍ରାଏଲ । ସହଯୋଗୀ ଦେଶମାନଙ୍କୁ ପ୍ରତିରକ୍ଷା ସହଯୋଗ ମଧ ଲୋଡିଛି । ମଧ୍ୟପ୍ରାଚ୍ୟର ଅସ୍ଥିରତା ଭିତରେ ଆମେରିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଇସ୍ରାଏଲକୁ ସମର୍ଥନ କରି ମଧ୍ୟପ୍ରାଚ୍ୟର ବିଭିନ୍ନ ଅଂଚଳରେ ଆମେରିକା ନିଜର ଫାଇଟର ଜେଟ ସ୍କ୍ୱାଡ୍ରନ,

▶▶ପୃଷ୍ଠା ୭

## କାର୍ ସହ ଗଞ୍ଜେଇ ଜବତ ମାମଲା: ୫ ଅଭିଯୁକ୍ତ ଗିରଫ

ଜୟପୁର, ୦୫/୦୮ (ନି.ପ୍ର): କାର ସହ ଗଞ୍ଜେଇ ଜବତ ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଉମୁରି ଗ୍ରାମର ସୁନ୍ଦର ଲାଲ ନାଗ ଏଲିୟସ ନେପାଳ (୨୭), କୋଟପାଡର ଗଣେଷ ଜାନୀ (୩୦), ଛବି ନାୟକ (୩୨) ବିନୋଦ କୁମାର ହରିଜନ (୨୫) କୋଡପାଜ ଥାନା ଅନ୍ତର୍ଗତ ଶଙ୍କରଡା ଗ୍ରାମର ଆନନ୍ଦ ସୁତା (୨୮) । ପୋଲିସ ସୂଚନା ଅନୁଯାଇ, ଜୟପୁର ସଦର ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଗତ ୧୬.୪.୨୪ ତାରିଖରେ ଉମୁରି ନିକଟରେ କାର ଯାଂଚ୍ କରିବାକୁ ଉଦ୍ୟମ କରିବା ସମୟରେ ପୋଲିସକୁ ଦେଖି ଚାଲାଣ କାରି କାରକୁ ଛାଡି ଚମ୍ପଟ ମାରିଥିଲେ । କାରରୁ ୬୦ କେଜି ଗଞ୍ଜେଇ ଜବତ କରିଥିଲା ସଦର ପୋଲିସ । କାର୍ ଓ ଗଞ୍ଜେଇ ଜବତ କରିଥିଲା ଜୟପୁର ସଦର ପୋଲିସ । ଜୟପୁର ରୁ ବୋରିଗୁମ୍ମା ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ବୋଲି ତଦନ୍ତରୁ ଜାଣିବାକୁ ପାଇଥିଲା । ଏନେଇ ଜୟପୁର ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

## ବନ୍ଦ ହୋଇଯିବ ସର୍ବ ପୁରାତନ ସରକାରୀ ପ୍ରେସ: ରାଜ୍ୟ ସରକାର ଓଡିଶା ଅସ୍ମିତାକୁ ସୁରକ୍ଷା ଦେବା ଦାବି

ବଲାଙ୍ଗିର, ୦୫/୦୮ (ନି.ପ୍ର): ବଲାଙ୍ଗିର ନାଗରିକ କମିଟିର ସଂପାଦକ ମଧୁସୁଦନ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ଅନୁଷ୍ଠାନର ନଗେନ କବାଟ, ପ୍ରଶାନ୍ତ ମହାକୁର, ରିଙ୍କୁ ସାହୁ, ଶମ୍ଭୁ ଶତପଥି, ଜୟକୃଷ୍ଣ ମିଶ୍ର ସର୍ବ ପୁରାତନ ପାଟଣା ଶାସନର ଦୋଳଗଞ୍ଜନ ପ୍ରେସ ସୁରକ୍ଷା ପାଇଁ ବିଭାଗ ସହିତ ଆଲୋଚନା କରିଥିଲେ । ବିଭିଗର ବସନ୍ତ ବେହେରା ଇନଚାର୍ଜ ସହ ବିଭିନ୍ନ ଆଲୋଚନା କରିଥିବା ବେଳେ ଆଗାମୀ ୧୨ ତାରିଖ ଦିନ ଉପ-ମୁଖ୍ୟମନ୍ତ୍ରୀଙ୍କୁ ବଲାଙ୍ଗିର ଗସ୍ତ ସମୟରେ ଦାବି ଉପସ୍ଥାପନ କରିବେ ଏବଂ ଏ ନେଇ ଜିଲ୍ଲାପାଳଙ୍କୁ ମଧ ଦାବି ଉପସ୍ଥାପନ କରିବେ ବୋଲି କମିଟି ନିଷ୍ପତି ନେଇଛି । ଅବହେଳିତ ଅବସ୍ଥାରେ ରାଜା ଅମଳର ଛାପାଖାନା । ବଲାଙ୍ଗିର ର ଦଳଗଞ୍ଜନ ମୁଦ୍ରଣ କେନ୍ଦ୍ର ବା ପ୍ରେସ ଏବେ ଜରାଜିର୍ଣ୍ଣ ଅବସ୍ଥାରେ ରହିଛି । ଦିନେ ସରକାର ଓ ଲୋକଙ୍କୁ ସେବା ଦେଉଥିବା ଏହି ପ୍ରେସ ଏବେ ଇତିହାସ ପାଲଟି ଯିବାକୁ ବସିଛି । ଜିଲ୍ଲାରେ କଳାକାରଖାନା ନ ଥିବା ବେଳେ ଯାହା କିଛି ଥିଲା ତାହା ଧୀରେ ଧୀରେ ବନ୍ଦ ହେବାରେ ଲାଗିଛି । ସରକାରଙ୍କ ଆନ୍ତରିକତା ଅଭାବରୁ ଏଭଳି ଘଟୁଥିବାର ଘଟୁଥିବାର ଅଭିଯୋଗ ହୋଇଆସୁଛି । ଦଳଗଞ୍ଜନ ମୁଦ୍ରଣ କେନ୍ଦ୍ରକୁ ପାଟଣା ମମହାରାଜ ପୃଥ୍ୱୀରାଜ ସିଂଦେଓ ୧୯୧୩ ମସିହାରେ ସ୍ଥାପିତ କରିଥିଲେ । ପ୍ରେସର ନାମକରଣ ନିଜ ବାପା ଦଳଗଞ୍ଜନଙ୍କ ନାଁରେ ନାମିତ କରିଥିଲେ । ତେବେ ସେ ସମୟରେ ରାଜୁଡା ଶାସନ ପାଇଁ ସବୁ ଛପା କାମ ଏହି ପ୍ରେସରେ ହୋଇଆସୁଥିଲା । ସେପଟେ ଭାରତ ସ୍ୱାଧୀନ ହେବା ପରେ ପାଟଣା ରାଜ୍ୟ ଓଡିଶାରେ ମିଶିଥିଲା ଏବଂ ଏହି ପ୍ରେସ ସରକାରଙ୍କ ଅଧୀନକୁ ଚାଲି ଯାଇଥିଲା । ସେ ସମୟରେ ଓଡିଶାର ସବୁ ଜରୁରୀ ସରକାରୀ କାଗଜପତ୍ର, ବହି ଏଠୁ ଛପା ହେଉଥିବା ବେଳେ ୬୨ ଜଣ କର୍ମଚାରୀ କାମ କରୁଥିଲେ । ଏହି ପ୍ରେସ ଜିଲ୍ଲା ଗୌରବ ଆଣିଥିଲା । ହେଲେ ଏବେ ଏହି ପ୍ରେସ ଘୋର ଅବହେଳିତ ଅବସ୍ଥାରେ ଅଛି । ଏଠାକାର ସବୁ କୋଠା ଘର ଭୁଷୁଡି ପଡିଥିବା ବେଳେ ଏହା ଭୂତକୋଠି ପାଲଟିଛି । ଅଳ୍ପ କେତେକ କର୍ମଚାରୀ ଅଛନ୍ତି ଓ ସେମାନେ ଅତି ବିପଦ ସଂକୁଳ ଅବସ୍ଥାରେ କାମ କରୁଛନ୍ତି ଏବଂ ଏହି କର୍ମଚାରୀ ଘର ଦିର୍ଘ ବର୍ଷ ହେବ ବ୍ୟବହାର ପାଇଁ ଅଯୋଗ୍ୟ ବିପଦଶଙ୍କୁଳ ଅବସ୍ଥାରେ ଏଠାକାର କାମ କରୁଛନ୍ତି । ପ୍ରେସରେ ଥିବା ଛପା ମେସିନ ଓ ଅନ୍ୟାନ୍ୟ ମେସିନ ପୁରୁଣା ଓ ଅଯୋଗ୍ୟ ହୋଇ ପଡିଥିବାରୁ ଗତ ୬ ମାସ ତଳେ ସବୁ ପୁରୁଣା ମେସିନକୁ କବାଡିକୁ ହସ୍ତାନ୍ତର କରିଦେଇଥିବେ ପୂର୍ବ ସରକାର ରେ ଥିବା ବିଭାଗୀୟ ଯନ୍ତ୍ରୀ । ବଲାଙ୍ଗିର ବୁଦ୍ଧିଜିବି ଦାବି କରିଆସିଛନ୍ତି ଯେ ଓଡିଶା ସରକାର ଏବେ ଓଡିଶା ଅସ୍ମିତା କୁ ସୁରକ୍ଷା ଦେବା ପାଇଁ ବଜେଟ ହୋଇଥିବା ବେଳେ ଏହି ସରକାରୀ ପ୍ରେସ କୁ ଏବେ ଦୃଷ୍ଟି ଦେବା ପାଇଁ ଦାବି କରିଥିଲେ ।

## ଆଇଆଇଏମ୍ ସମ୍ବଲପୁର ଦିଲ୍ଲୀ କେମ୍ପସ୍‌ରେ ନୂତନ ଏମ୍‌ବିଏ ବ୍ୟାଚ୍‌କୁ ସ୍ୱାଗତ

ସମ୍ବଲପୁର, ୦୫/୦୮ (ନି.ପ୍ର): ଆଇଆଇଏମ୍ ସମ୍ବଲପୁରର ଦିଲ୍ଲୀ କେମ୍ପସ୍‌ରେ କର୍ମଜୀବୀ ପ୍ରଫେସନାଲମାନଙ୍କ ଦ୍ୱିତୀୟ ବ୍ୟାଚ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି । ସଂସ୍ଥାନର ନିର୍ଦ୍ଦେଶକ ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ କହିଲେ ଯେ, ଗତ ବର୍ଷ ହାଇବ୍ରିଡ ମୋଡ୍‌ରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବସନ୍ତକୁଞ୍ଜ ସ୍ଥିତ ଦିଲ୍ଲୀ କେମ୍ପସ୍‌ରେ ଏମ୍‌ବିଏ ଫର୍ ୱାର୍କିଂ ପ୍ରଫେସନାଲ ଆରମ୍ଭ କରାଯାଇଥିଲା । ମୂଲ୍ୟବୋଧ, ନବସୃଜନ, ଏକାଗ୍ରତା ଓ ସାମଗ୍ରିକତାକୁ ଅନୁସରଣ କରି ନୂତନ ସୁଯୋଗ ଓ ପଦକ୍ଷେପ ସୃଷ୍ଟି ପାଇଁ ସଂସ୍ଥାନ ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ । ବ୍ୟବସାୟିକ ପରିବେଶରେ ଶିକ୍ଷ କୈନ୍ଦ୍ରିକ ଶିକ୍ଷା ପ୍ରଦାନ ଓ ନେତୃତ୍ୱ ଦକ୍ଷତାବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ଅଟେ । ବିବିଧତା ଓ ଅଭିଜ୍ଞତା ପୃଷ୍ଠଭୂମିରେ ହାରାହାରି ୩୧ ବର୍ଷ ବୟସର କାର୍ଯ୍ୟ କ୍ଷେତ୍ରରେ ଅଭିଜ୍ଞତା ରଖିଥିବା ପେଶାଦାରମାନେ ବାଣିଜ୍ୟ ପ୍ରବନ୍ଧନର ବିଭିନ୍ନ କ୍ଷେତ୍ରରୁ ଆସିଛନ୍ତି । ସାଧାରଣ ବିଷୟ ବ୍ୟତୀତ ଡାଟା ସାଇନ୍ସ ଏବଂ ଉତ୍ପାଦ ପରିଚାଳନା ଓ ଷ୍ଟାର୍ଟଅପ୍‌କୁ ନେଇ ଏମ୍‌ବିଏ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଆଇଏସ୍‌ଆଇଡିର ନିର୍ଦ୍ଦେଶକ ନାଗେଶ କୁମାର ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଶିକ୍ଷ ବିକାଶ ଓ ବ୍ୟବସାୟ ପ୍ରବନ୍ଧନ ଶିକ୍ଷା କ୍ଷେତ୍ରରେ ଆଇଆଇଏମ୍ ସମ୍ବଲପୁରର ଉଦ୍ଭାବନ, ସଚ୍ଚୋଟତା ଆଧାରିତ ମୂଲ୍ୟବୋଧ ପ୍ରଶଂସନୀୟ ବୋଲି କହିଥିଲେ । ଯୁକ୍ତରାଷ୍ଟ୍ରର ଆଇଭି କଲେଜ୍ ଅଫ୍ ବିଜନେସ୍‌ର ରାଜ୍ ଅଗ୍ନିହୋତ୍ରୀ, ଏନ୍‌ଏସ୍‌ଇ ଏକାଡ଼େମୀର ସିଇଓ ଅଭିଳାଷ ମିଶ୍ର, ସୋପ୍ରାଷ୍ଟେରିଆ ଇଣ୍ଡିଆର ଉପ ସିଇଓ ସୁନୀଲ ଗୋୟଲ ପ୍ରମୁଖ ଉଦ୍‌ବୋଧନ ଦେଇ ସାଂପ୍ରତିକ ଗତିଶୀଳ ଓ ପ୍ରତିଯୋଗିତାମୂଳକ ବ୍ୟବସାୟିକ ପରିବେଶରେ ନିରନ୍ତର ଶିକ୍ଷା ଓ ସାକାରାତ୍ମକ ଭାବନା ଜରୁରୀ ବୋଲି କହିଥିଲେ । ପରେ ଦୁଇଟି ଅଧିବେଶନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସଂସ୍ଥାନର ସିଏଓ ଅମୃତ ମହାନ୍ତି, ପାଠ୍ୟକ୍ରମର ଅଧକ୍ଷା ପୁନମ୍ କୁମାର, ପ୍ର. ଦିବାହର ସୁନ୍ଦର ନାଦର ଉପସ୍ଥିତ ଥିଲେ ।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର: ପଲିଥିନ ତଳେ ରାତି ବିତାଉଛନ୍ତି ପରିବାର ଲୋକେ

ମାଲକାନଗିରି, ୦୫/୦୮ (ନି.ପ୍ର): ଲଗାଣ ବର୍ଷାରେ ମାଲକାନଗିରି ଜିଲ୍ଲା ହନ୍ତସନ୍ତ ହୋଇ ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ କାଲିମେଳା ତଥା ପଡ଼ିଆ ବ୍ଲକ ରେ ଏହାର ପ୍ରଭାବ ଅଧିକ ଦେଖାଯାଇଛି । କାଲିମେଳା ଏବଂ ପଡ଼ିଆ ବ୍ଲକ ର ବିଭିନ୍ନ ସ୍ଥାନରେ ବର୍ଷା ଯୋଗୁଁ ବାରମ୍ବାର ପୋଲ ଗୁଡିକ ବୁଡି ଯାତାୟାତ ବାଧାପ୍ରାପ୍ତ ହେଉଥିବା ଦେଖାଯାଇଛି । ସେହିପରି ଲଗାଣ ବର୍ଷା ଯୋଗୁ ପଡ଼ିଆ ବ୍ଲକ ସିମିଳି ବାଂଚା ପଂଚାୟତ ଅନ୍ତର୍ଗତ ଏମ୍ ଭି ୬୦ ଗ୍ରାମର ବାବୁଲାଲ ବାଲାଙ୍କ ଘର ଭୁଶୁଡ଼ିବା ଘଟଣା ସାମ୍ନାକୁ ଆସିଛି । ପରିବାର ଲୋକେ ରାତିରେ ଶୋଇଥିବା ସମୟରେ ମାଟି ଘର କାନ୍ଥ ଶନିବାର ରାତି ପ୍ରାୟ ୨ ଟା ସମୟରେ ଭୁଶୁଡ଼ି ଯାଇଥିବା ବେଳେ ଅଳ୍ପକେ ବର୍ତିଲେ ପରିବାର ଲୋକେ । ତେବେ ଆସବାବ ପତ୍ର କ୍ଷୟକ୍ଷତି ଘଟିଥିବା ଦେଖିବାକୁ ମିଳିଛି । ବାବୁଲାଲ ଏକ କୃଷକ ହୋଇଥିବା ବେଳେ ତାଙ୍କ ପରିବାରରେ ସ୍ତ୍ରୀ ଓ ୩ ପୁଅ ବାସ କରନ୍ତି । ଅଭାବ ଅନଟନରେ ତିନି ପୁଅ କୁ ପାଠ ପଢ଼ାଇବା , ନିଜ ପରିବାରର ପେଟ ପୋଷଣ ସହ ଭୁସୁଡ଼ିଥିବା ଘର ମରାମତି ବାବୁଲାଲଙ୍କ ଦ୍ୱାରା ସମ୍ଭବ ହୋଇପାରୁନାହିଁ । ତେଣୁ ତିନି ପୁଅଙ୍କ ପାଠପଢ଼ା ମାମୁ ଘର ଉପରେ ନିର୍ଭର କରୁଥିବା ଦେଖାଯାଇଛି । ସେପଟେ ବାରମ୍ବାର ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଆବେଦନ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସରକାରୀ ସୁବିଧା ମିଳିପାରି ନାହିଁ ବୋଲି ସେ କହିଛନ୍ତି । ଆବାସ ଗୃହ ପାଇବା ଯୋଗ୍ୟ ଥିବା ସୁଦ୍ଧା ଏପର୍ଯ୍ୟନ୍ତ ଆବାସ ଗୃହ ନପାଇବା ସରକାରୀ ସୁବିଧା ନପାଇବା ପ୍ରଶାସନିକ ଅଧିକାରୀଙ୍କ ଦୁର୍ବଳତାକୁ ଦର୍ଶାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେବେ ରାଜସ୍ୱ ନୀରିକ୍ଷକ ଖବର ପାଇ ତାଙ୍କୁ ପଲିଥିନ ବଂଟନ କରିଥିବା ଦେଖିବାକୁ ମିଳିଛି । ସେହିପରି ପଂଚାୟତର ଯୋଗାଣ ସହାୟକ ତାଙ୍କ ଘରକୁ ଯାଇ ୧୦କେଜି ଚାଉଳ ପ୍ରଦାନ କରିଥିବା କରିଛନ୍ତି । ଏବାବଦରେ ପଂଚାୟତ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ନାୟକଙ୍କୁ ଯୋଗାଯୋଗ କରିବାରୁ ଆଗାମୀ ଦିନରେ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

## ବନବିଭାଗ ପକ୍ଷରୁ ଚୋରା କେନ୍ଦୁପତ୍ର ଜବତ

ସୁବର୍ଣ୍ଣପୁର, ୦୫/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଦୁର୍ଜନତୈଲା ଠାରେ ଗଛିତ ଥିବା କେନ୍ଦୁପତ୍ର ଜବତ ଜବତ ହୋଇଛି । ସୁବଳୟା ଓ ଉଲୁଣ୍ଡା ବନବିଭାଗ ଙ୍କ ମିଳିତ ଆନୁକୂଲ୍ୟରେ ଚଢ଼ାଉ କରି ଉକ୍ତ ଚୋରା କେନ୍ଦୁପତ୍ର ଜବତ କରି ବିଭାଗ କୁ ହସ୍ତାନ୍ତର କରିଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁସାରେ ଉଲୁଣ୍ଡା ବନବିଭାଗ କୌଣସି ସୂତ୍ରରୁ ଖବରପାଇ ସୁବଳୟା ବନବିଭାଗ କୁ ଖବର ଦେଇଥିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ଗାଁ ରେ ଗୋଟିଏ ଗାଈ ଗୁହାଳ ରେ ଚୋରା କେନ୍ଦୁପତ୍ର ବେପାରୀ ମାନେ ଗୁଦାମ କରି କେନ୍ଦୁପତ୍ର ଗଛିତ କରି ରଖିଥିବା ଖବରପାଇ ବନବିଭାଗ ଚଢ଼ାଉ କରିଥିଲା । ଗୁଦାମ ରେ ମୋଟ ୨୨କୁଇଂଟାଲ ୬୦କେଜି ଓଜନ ର ୪୫୨ ବିଡା ଜବତ କରିଥିବା ସୂଚନା ଦେଇଛି ବନବିଭାଗ । ସୁବଳୟା ବନବିଭାଗ ରେଞ୍ଜର ଅବିନାଶ ବରିହା ଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ଅଜୟ ବାରା ଙ୍କ ତତ୍ୱାଧନା ରେ ବନରକ୍ଷୀ ନିରଞ୍ଜନ ପଧାନ ଓ ବନବିଭାଗ ର କର୍ମଚାରୀ ମାନଙ୍କ ସହ ଉଲୁଣ୍ଡା ରେଞ୍ଜର ସଂଜୀବ ରାଉତ ଉପସ୍ଥିତ ରହି ଚଢ଼ାଉରେ ସାମିଲଥିଲେ । କେନ୍ଦୁପତ୍ର ବିଡା ଗୁଡ଼ିକ ରେଢ଼ାଖୋଲ କେନ୍ଦୁପତ୍ର ଡିଭିଜନ ର ଅମରପାଲି ସ୍ଥିତ ବହଳପଦର କେନ୍ଦୁପତ୍ର ରେଞ୍ଜ କୁ ଆଣି ହସ୍ତାନ୍ତର କରିଥିବା ବନପାଳ ଅଜୟ ବାରା ସୂଚନା ଦେଇଛନ୍ତ ।

## ସଦାଇପାଲି ଓଁକାରେଶ୍ୱର ମହାଦେବ ମନ୍ଦିରରେ ଜଳାଭିଷେକ

ବଲାଙ୍ଗୀର, ୦୫/୦୮ (ନି.ପ୍ର): ସ୍ଥାନୀୟ ସଦାଇପାଲି ଓ ଆଖପାଖ ଗ୍ରାମର ଦୁଇଶତ ଶ୍ରଦ୍ଧାଳୁ ଗତ ଏପ୍ରିଲ ମାସରେ ପ୍ରୟାଗରାଜ, ଚିତ୍ରକୁଟ ଓ ବାରାଣାସୀ ଆଦି ତୀର୍ଥ କ୍ଷେତ୍ରକୁ ଯାଇ ତ୍ରିବେଣୀ ସଂଗମରୁ ସମସ୍ତେ ପବିତ୍ର ଗଙ୍ଗା ଜଳ ଆଣି ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ମନସ୍ତ କରିଥିଲେ । ତଦ୍‌ଅନୁଯାୟୀ ଆଜି ସଦାଇପାଲି ପଲ୍ଲିଶ୍ରୀ ବିହାର ସ୍ଥିତ ଓଁକାରେଶ୍ୱର ମହାଦେବ ମନ୍ଦିରରେ ସେହି ଗଙ୍ଗା ଜଳରେ ନିଜେ ନିଜେ ଜଳ ଅର୍ପଣ କରି ଜଳାଭିଷେକ କରିଥିଲେ ଓ ସମସ୍ତଙ୍କ ପାଇଁ ଅନ୍ନଛତ୍ର ଖୋଲି ପ୍ରସାଦ ବଣ୍ଟନର ବ୍ୟବସ୍ଥା କରିଥିଲେ । ଏଥିରେ ପଣ୍ଡିତ ମହାବୀର ବେଦବାକ ପୂଜା କରିଥିବାବେଳେ ଡା. ପ୍ରମୋଦ କୁମାର ମିଶ୍ର ଓ ତାଙ୍କ ସହଧର୍ମିଣୀ ମନୋରମା ମିଶ୍ର କର୍ତାକର୍ତି ଦାୟିତ୍ୱ ତୁଲାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଲୋଚନା ମିଶ୍ର, ଦେବକୀ ସାଏ, ଉର୍ବଶୀ ନାଏକ, ସୁରଭା ସାଏ, ଧାଇଁ ଭୋଇ, ସ୍ୱର୍ଣ୍ଣପ୍ରଭା ନାଏକ, ପଦ୍ମିନୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । କେବଳ ଗଙ୍ଗା ଜଳରେ ଜଳାଷେକ କରିବା ଜାଣି ଆଖପାଖ ଗ୍ରାମର ଶତାଧିକ ମହିଳା ଶ୍ରଦ୍ଧାଳୁ ଦର୍ଶନ କରିବା ପାଇଁ ଆସିଥିଲେ ।

## ରାଷ୍ଟ୍ରୀୟ ବନ୍ଧୁତ୍ୱ ଦିବସରେ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୦୫/୦୮ (ନି.ପ୍ର): ରାଷ୍ଟ୍ରୀୟ ବନ୍ଧୁତ୍ୱ ଦିବସ ପାଳନ ଅବସର ରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ତୁଣୁପୁର ହାଇସ୍କୁଲ ଠାରେ ଯୁବ ସ୍ୱାଭିମାନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ରକ୍ତଦାନ ଶିବିର ରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରା ଯାଇଛି । କାର୍ଯ୍ୟକ୍ରମ ରେ ସ୍ୱେଚ୍ଛାକୃତ ରକ୍ତଦାତା ଅଂଶ ଗ୍ରହଣ କରି ରକ୍ତଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଲୋକପ୍ରିୟ ଶଲ୍ୟ ଚିକିତ୍ସକ ଡାକ୍ତର ବିରେନ୍ଦ୍ର କୁମାର ଦାସ, ଅଧାପକ ଅଜୟ ସାମଲ, ସମବାୟବିତ୍ ପ୍ରମୋଦ ସାହୁ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଂଜନ ରାଉତ, ସୁବ୍ରତ ସାମଲ, ପ୍ରଧାନ ଶିକ୍ଷୟିତ୍ରୀ ନିଳିମା ସ୍ୱାଇଁ, ଅନୁଷ୍ଠାନ ର ସଭାପତି ସ୍ମୃତି ରଂଜନ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ଶିବିର ରୁ ମୋଟ୍ ୭୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ର ଉପଦେଷ୍ଟା ପ୍ରତାପ କୁମାର ନାୟକ, ଅକ୍ଷୟ କୁମାର ପାଣି, ସୁବୁଧି ସାହୁ, ଆଦିକନ୍ଦ ରାଉଲ, ରମଣୀ ରଂଜନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ଫାମ୍ପୁଣୀ କ୍ଲଷ୍ଟରର ୭ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମୂହିକ ଭାବେ ଅବସରକାଳୀନ ସମ୍ବର୍ଦ୍ଧନା

ଜୟପୁର , ୦୫/୦୮ (ନି.ପ୍ର): ଜୟପୁର ବ୍ଲକ ଅଧିନସ୍ଥ ଫାମ୍ପୁଣୀ କ୍ଲଷ୍ଟର ର ୭ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମୂହିକ ଭାବେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଫାମ୍ପୁଣୀ କ୍ଲଷ୍ଟରର ଆଂଚଳିକ ସାଧନ କର୍ମୀ ଜ୍ୟୋତି ଶଙ୍କର ତ୍ରିପାଠୀଙ୍କ ତତ୍ୱାବଧାନରେ ଜୟପୁର ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ସଭାର ଆୟୋଜନ କରାଯାଇଥିଲା । ଏଥିରେ ଜୟପୁର ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ କୈଳାଶ ଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାସ, ମୁକୁନ୍ଦ ବେହେରା, ପ୍ରତାପ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀମତୀ ଜ୍ୟୋତିରାଣୀ ପଣ୍ଡା, ହରିହର ପଟ୍ଟନାୟକ,ଦିଲ୍ଲୀପ ମିଶ୍ର, ପ୍ରଭାତ ପ୍ରଧାନ, ସାଗରୀକା ମିଶ୍ର,ମନୋରଞ୍ଜନ ପଲାଇ, ନିତୁ ପଣ୍ଡା, ଅଭିସ୍ପା ପାତ୍ର, ସୁନିତା ଜେନା କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ସତ୍ୟନାରାୟଣ ନାୟକ,ରଜନୀକାନ୍ତ ବିଶ୍ୱାଳ, ଶରତ ଚନ୍ଦ୍ର ନାୟକ, ସୁଚିତ୍ରା ଦାସ, ସାଇବେଣୀ ପାତ୍ର, ବିଜୟା ମିଶ୍ର,ସୂର୍ଯ୍ୟ ମହାରଣା ପ୍ରମୁଖ ଫାମ୍ପୁଣୀ କ୍ଲଷ୍ଟରରେ କାର୍ଯ୍ୟରତ ରହି ନିଜ ନିଜ କାର୍ଯ୍ୟ କ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତ । ଶେଷରେ ଅଜିତ କୁମାର ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାଟିକୁ ସମାପ୍ତ କରିଥିଲେ । ଏଥିରେ ଫକ୍ଷମ୍ପୁଣୀ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ ।

## ଇରାକରୁ ଫେରିଲେ ଫସିଥିବା ଓଡିଆ ଯୁବକ: ଉଦ୍ଧାର ପାଇଁ ବୈଜୟନ୍ତ ପଣ୍ଡାଙ୍କୁ କୃତଜ୍ଞତା

ଭୁବନେଶ୍ୱର, ୦୫/୦୮ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡାଙ୍କ ହସ୍ତକ୍ଷେପ ପରେ ଇରାକରେ ଫସିଥିବା ଓଡିଆ ଯୁବକ ବିମଳ ରଣଜିତ ଆଜି ନିଜ ଘରକୁ ଫେରିଛନ୍ତି । ବିମଳଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଏକ ଗତ ଜୁଲାଇ ୨୨ ତାରିଖରେ ଚିଠି ଲେଖି ନିବେଦନ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ପୁରୀ ଜିଲ୍ଲାର ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ବେଢାତଣ୍ଡୁଳ ଗ୍ରାମର ସ୍ୱର୍ଗତ ବିଜୟ ରଣଜିତଙ୍କ ସାନପୁଅ ବିମଳ ଫେବୃଆରୀ ୨୦୨୩ରୁ ଇରାକର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ୨୫ ଜୁନ ୨୦୨୪ ରୁ ବିମଳ ସେଠାରେ ଅସୁସ୍ଥ ହୋଇପଡିଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେଉନଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ବିମଳଙ୍କ ଭିସା ଅବଧି ୨୩ ଜାନୁଆରୀ ୨୦୨୪ ରୁ ସାରିଯାଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଭିସା ନବୀକରଣ ନକରାଇ ୪ ମାସର ଦରମା ନଦେଇ ଶାରୀରିକ ନିର୍ଯ୍ୟାତନା ଦେବାସହ ବିଭିନ୍ନ କାମରେ ନିୟୋଜିତ କରିଛନ୍ତି । ଶେଷରେ ପରିବାର ଲୋକ ବିମଳଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଶ୍ରୀଯୁକ୍ତ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ । ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଏ ବିଷୟରେ ଅବଗତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସୁରକ୍ଷିତ ଭାରତ ଫେରାଇ ଆଣିବା ସଙ୍ଗେ ସଙ୍ଗେ ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ । ବିମଳାଙ୍କ ଫେରିବା ପରେ ପରିବାର ଲୋକ ଶ୍ରୀ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶ୍ରୀ ପଣ୍ଡା ମଧ୍ୟ ଦୂତାବାସର ତ୍ୱରିତ ପଦକ୍ଷେପ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

## ଗଛ ସହିତ ବନ୍ଧୁତ୍ୱ ଦିବସ ପାଳିଲା ତୁଷାର ଚ୍ୟାରିଟେବୁଲ ଟ୍ରଷ୍ଟ

ଭୁବନେଶ୍ୱର, ୦୫/୦୮ (ନି.ପ୍ର): ବନ୍ଧୁତ୍ୱ ଦିବସ ଅବସରରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ବନ୍ଧୁମାନଙ୍କୁ ଭେଟି ବନ୍ଧୁତ୍ୱ ଦିବସର ଶୁଭେଚ୍ଛା ଜଣାଉଥିବା ବେଳେ ଆଉ କେହି କେହି ମିଠା ଓ ପ ତାରକା ହୋଟେଲରେ କେକ୍ କାଟି ବନ୍ଧୁତ୍ୱ ଦିବସ ପାଳନ କରୁଥିବା ବେଳେ ତୁଷାର ଚ୍ୟାରିଟେବୁଲ ଟ୍ରଷ୍ଟ ଓ ମା' ସୁନାଦେଇ ପ୍ରତିଷ୍ଠାନ ଏକ ନିଆରା ଢଙ୍ଗରେ ଗଛ ସହିତ ବନ୍ଧୁତ୍ୱର ଡୋରୀ ବାନ୍ଧି ବନ୍ଧୁତା ଦିବସ ପାଳନ କରିଛି । ପ୍ରକାଶଥାଉକି ପ୍ରଳୟଙ୍କାରୀ ୧୯୯୯ ମହାବାତ୍ୟା ପରେ ଯେତେବେଳେ ଲକ୍ଷ ଲକ୍ଷ ଗଛ ଉପୁଡ଼ି ପଡ଼ିଥିଲା ଓ ଗଛର ଘୋର ଅଭାବ ପରିଲକ୍ଷିତ ହୋଇଥିଲା, ସେତେବେଳେ ଗଛପ୍ରେମୀ ସୁନାକର ସିଂ ଭୁବନେଶ୍ୱରସ୍ଥିତ ୟୁନିଟ୍-୯ ଫ୍ଲାଟରେ ଏକ ଚକୁଣ୍ଡା ଗଛ ଲଗାଇଥିଲେ । ଦୀର୍ଘବର୍ଷ ପରେ ସେ ଚକୁଣ୍ଡାଗଛଟି ଏକ ବିରାଟ ଗଛରେ ପରିଣତ ହୋଇଛି । ସେହି ଗଛ ସହିତ ବନ୍ଧୁତା ଦିବସ ପାଳନ କରି ଆଗାମୀ ପିଢି ପାଇଁ କିପରି ଅଧିକରୁ ଅଧିକ ବୃକ୍ଷରୋପଣ କରାଯାଇପାରିବ, ସେଥିପ୍ରତି ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜନେତା ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୁନାକର ସିଂହ, କର୍ପୋରେଟର ଜୀବନ ରାଉତ, ଶିବିର ପରିଡ଼ା, ପ୍ରଶାନ୍ତ ମହାନ୍ତି, ଜୀବନ ସାମନ୍ତରାୟ, ସୁମନ୍ତ ସ୍ୱାଇଁ, ଧନଞ୍ଜୟ କୁଣ୍ଡୁ, ଅସିତ କୁମାର ଚୌଧୁରୀ, ନିତ୍ୟାନନ୍ଦ ବେହେରା, ଅମରେଶ ସାମନ୍ତ, ପ୍ରଦୀପ କୁମାର ଦାସ, ସଂଗ୍ରାମ ଜେନା, ବିଶ୍ୱ ନାୟକ, ରାକେଶ ସେଠୀ, ଆଲୋକ ମହାନ୍ତି, ଲିଙ୍ଗା ମାଝୀ, ରଞ୍ଜନ ମହାନ୍ତ, ଅଲେଖ ଜେନାଙ୍କ ସମେତ ବହୁ ବୁଦ୍ଧିଜୀବୀ, ଆଇନଜୀବି ଏବଂ ସମାଜସେବୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ତୁଷାର ଚ୍ୟାରିଟେବୁଲ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ କହିଛନ୍ତି ଯେ, ବର୍ତମାନ କ୍ରମାଗତ ଭାବରେ ବୃକ୍ଷଛେଦନ ଫଳରେ ପରିବେଶ ପ୍ରଦୂଷଣ ହେବା ସହିତ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇ ଏକ ନୂତନ ରେକର୍ଡ଼ ସୃଷ୍ଟି କଲାଣି । ଏହାର କୁପ୍ରଭାବ ଜୀବଜଗତ ଉପରେ ପଡୁଛି । ଜଙ୍ଗଲ ଧ୍ୱଂସ କାରଣରୁ ବିଭିନ୍ନ ହିଂସ୍ରଜନ୍ତୁ ଜନବସତି ମୁହାଁ ହେଉଛନ୍ତି ଏବଂ ମଣିଷ ଓ ପଶୁଙ୍କ ମଧ୍ୟରେ ଲଢେଇ ଘଟି ଅନେକ କ୍ଷୟକ୍ଷତି ଘଟୁଛି । ବ୍ୟାପକ ବୃକ୍ଷ ଛେଦନ ଫଳରେ ଅମ୍ଳଜାନର ଅଭାବର ପରିଲକ୍ଷିତ ହେଉଛି । ଏହିସବୁ ସମସ୍ୟାର ସମାଧାନ ପାଇଁ ବୃକ୍ଷରୋପଣ ଏକମାତ୍ର ମାଧ୍ୟମ । ତେଣୁ ଆଗାମୀ ଦିନରେ ଅଧିକରୁ ଅଧିକ ବୃକ୍ଷ ରୋପଣ କରି ସମାଜକୁ ପରିବେଶ ପ୍ରଦୂଷଣ ମୁକ୍ତ କରିବାକୁ ଶ୍ରୀ ବାରିକ ନିବେଦନ କରିଛନ୍ତି ।

## ବାଳିକା ଶିକ୍ଷା ଓ ପୁରି ପଢ଼ାଇ ଦେଶ କି ଭଲାଇ ଅଭିଯାନ: କନ୍ଧମାଳ ସାଂସଦଙ୍କ ସହିତ ଆଲୋଚନା

କନ୍ଧମାଳ, ୦୫/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ର ଫିରିଙ୍ଗିଆ ବ୍ଲକ ର ଗୋଛାପଡା ଥାନା ଅର୍ନ୍ତଗତ ବାଲନ୍ଦାପଡା ରେ ବାଳିକା ଶିକ୍ଷା କୁ ଆଗେଇନବା ପାଇଁ "ପୁରି ପଢାଇ ଦେଶ କି ଭଲାଇ" ଅଭିଜାନ ସ୍ୱାତୀ ଓ କ୍ରାଏ ଅନୁଷ୍ଠାନ ର ମିଳିତ ସହଯୋଗରେ ଆରମ୍ଭ କରାଯାଇଛି । ଏହି ଅଭିଜାନର ଲକ୍ଷ କିପରି ବାଳିକାମାନେ ସଂପୂର୍ଣ୍ଣ ଶିକ୍ଷା ଗ୍ରହଣ କରିବେ ଅତିକମରେ ଦ୍ୱାଦଶ ବା ଯୁକ୍ତ ୨ ପର୍ଯ୍ୟନ୍ତ । କନ୍ଧମାଳ ଜିଲ୍ଲାରେ ବାଳିକାମାନେ ଅଧାରୁ ପାଠ ଛାଡିବାର ମୁଖ୍ୟ କାରଣ ବାଲ୍ୟ ବିଭା ଓ ଜାହର ପ୍ରଭାବରେ ସମାଜରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବହୁଭାବରେ ପ୍ରଭାବିତ ହୋଇଥାଏ । ଗ୍ରାମ ସ୍ତରରେ ଅଭିଭାବକମାନଙ୍କୁ ସଚେତନ କରି, ପରିବାରରେ କିପରି ବାଳିକା ଶିକ୍ଷାକୁ ପ୍ରାଧାନ୍ୟ ଦିଆଜିବ ସେଥିପାଇଁ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମ ଜାରି ରହିଛି । ଏହି ଅଭିଜାନ ମାଧ୍ୟମରେ ଯେଉଁ ଝିଅମାନେ ପାଠ ଛାଡିଛନ୍ତି ବା ସ୍କୁଲକୁ ଜିବାକୁ ଆଗ୍ରହ ପ୍ରକାଶ କରୁନାହାଁନ୍ତି ସେମାନଙ୍କୁ କିପରି ଶିକ୍ଷା ବ୍ୟବସ୍ଥା ସହିତ ଯୋଡିବା । ସ୍ୱାତୀ ଏହି ଅଭିଜାନ ବାଲନ୍ଦାପଡା, ଲୁଇସିଂ, କୋଇରିମାଣ୍ଡୁ, ପାହିରାଜୁ ଓ ପକାରିର ଗ୍ରାମପଂଚାୟତରେ କରିବ ବୋଲି ଯୋଜନା କରିଛନ୍ତି । ଏହି ଅଭିଜାନ ଗତ ତା ୨୨ ଜୁଲାଇ ଠାରୁ ଆରମ୍ଭ ହୋଇଛି ଓ ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଉପଯୁକ୍ତ ଅଂଚଳରେ ସବୁ ବର୍ଗର ଲୋକ, ପିତା, ମାତା, ଅଭିଭାବକ, ପଂଚାୟତ ରାଜ ପ୍ରତିନିଧୀ ସହିତ ସରକାରୀ ଓ ବେସରକାରୀ ଅଧିକାରୀମାନେ ଯୋଡିହେବା ସହିତ ଏହି ଅଭିନବ ଅଭିଜାନକୁ ପ୍ରସଂଶା କରିଛନ୍ତି । ସ୍ୱାତୀ ଅନୁଷ୍ଠାନର କୋଶାଧକ୍ଷ ଶାନ୍ତନୁ କୁମାର ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର, ବୈକୁଣ୍ଠ ଦାସ, ଆଲୋକ ସାମନ୍ତରାଏ, ଦିପେସ ମହାକୁଡ, ପ୍ରଦୀପ କୁମାର ସ୍ୱାଇଁ ଆଜି ମାନ୍ୟବର ସାଂସଦ ଶୁକାନ୍ତ କୁମାର ପାଣିଗ୍ରାହି ସହିତ ପୁରି ପଢାଇ ଦେଶ କି ଭଲାଇ ଅଭିଜାନ ବିଷୟରେ ଜିଲ୍ଲା ପରିପ୍ରେକ୍ଷୀରେ ଆଲୋଚନା କରିଥିଲେ ଓ ସାଂସଦ ଏହି ପ୍ରଚେଷ୍ଟା କୁ ଆନ୍ତରିକତା ସହ ଗ୍ରହଣ କରି ଆଗାମି ଦିନରେ ବାଳିକା ଶିକ୍ଷାର ଗୁରୁତ୍ୱ ସବୁ ସ୍ତରରେ ପହଂଚାଇବା ପାଇଁ କହିଥିଲେ । ତା ସହିତ ମାନସିକ ଅସୁସ୍ଥ ବ୍ୟକ୍ତି କିପରି ସହଜରେ ଚିକିତ୍ସା ପାଇବେ ଓ ମାନସିକ ଡାକ୍ତର ସ୍ଥାଇ ନିଜୁକ୍ତି କରିବା ବିଷୟ ସ୍ୱାତୀର ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଂଯୋଜକ ବୈକୁଣ୍ଠ ଦାସ ଜଣାଇଥିଲେ । ଗତ ଦିନମାନଙ୍କରେ ବିଭିନ୍ନ ପଦାଧିକାରୀ ଜିଲ୍ଲା ସ୍ତରରେ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗି, ନିରୁପମା ଦୋରା; ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରିଷ୍ଣା ପଣ୍ଡା, ସି.ଡବ୍ଲୁ.ସି ର ଅଧକ୍ଷ ରଜତ ଦିଗାଲ ; ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଦେବଜାନୀ ଭୂୟାଁ; ଡିସିପିଓ ରଶ୍ମିତା କରନ୍ ; ସନ୍ଧ୍ୟାରାଣୀ ନାୟକ ସମେତ ଶିକ୍ଷକ, ଶିକ୍ଷୟତ୍ରୀ, ସରପଂଚ, ଗ୍ରାମ ଓ ଜାତି ମୁଖିଆ ଯୋଡିହୋଇଛନ୍ତି । ପୁରି ପଢାଇ ଦେଶ କି ଭଲାଇ ଓଡିଶାର ବିଭିନ୍ନ ଜାଗାରେ ଓ ଅନ୍ୟ ରାଜ୍ୟରେ କ୍ରାଏ ତାର ସହଯୋଗୀ ଅନୁଷ୍ଠାନ ମାଧ୍ୟମରେ କରୁଅଛି । ଏହି ଅଭିଜାନର ସଫଳ କରିବା ପାଇଁ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ରାଲି, ଆଲୋଚନା ଗ୍ରାମ ସ୍ତରରେ କରାଜାଉଛି ବୋଲି ସ୍ୱାତୀର ସଂପାଦକ ଇଂ ହରିଶଙ୍କର ରାଉତ କହିଥିଲେ ।

## ପତଞ୍ଜଳି ପରିବାର ପକ୍ଷରୁ ଜଡ଼ିବୁଟି ଦିବସ ପାଳିତ

ବଲାଙ୍ଗିର, ୦୫/୦୮ (ନି.ପ୍ର): ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ଛକ ଶକ୍ତି ଷ୍ଟୋର ପ୍ରାଙ୍ଗଣ ରେ ଔଷଧୀୟ ଜଡ଼ିବୁଟି ପାତାଞ୍ଜଳି ପରିବାର ତରଫରୁ ଜନସାଧାରଣ ଙ୍କୁ ବଂଟନ କରାଯାଇଥିଲା । ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଳକୃଷ୍ଣ ଜୀ ଙ୍କ ଜନ୍ମ ଦିବସ ଉପଲକ୍ଷେ ଜଡ଼ିବୁଟି ଚାରା ବିତରଣ କରା ଯାଇ ଥିଲା ଏଲୋବେରା, ଆଇଁଳା, ପିଜୁଳି, ଜାମୁ, ପୁଦିନା, ଲିମ୍ବ, ଅଜ୍ୱାଇଁନ ଆଦି ଔଷଧି ଗୁଳ୍ମ ଥିଲା । ପତାଞ୍ଜଳୀ ଭାରତ ସ୍ୱାଭିମାନ ପ୍ରଭାରୀ ରଘୁନାଥ ଷଡ଼ଙ୍ଗୀ, ମହିଳା ପତାଞ୍ଜଳି ପ୍ରଭାରୀ ସୁଜାତା ଦିଶ୍ରି ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଥିଲା । ଜଗଦୀଶ ଯୋଗ କେନ୍ଦ୍ର ଯୋଗୀ ଭାଇ ଭଉଣୀ, ସମିତି ସଭ୍ୟ ମାନେ ସହଯୋଗ କରିଥିଲେ ।

## ମାଆ କ୍ଷୀରଠାରୁ ଶକ୍ତିଶାଳୀ ଅମୋଘ ରୋଗ ପ୍ରତିରୋଧକ ଶକ୍ତି ଆଉ ନାହିଁ

ସୁବର୍ଣ୍ଣପୁର, ୦୫/୦୮ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାଇକେନପାଲି ତାଲିମ ସଭା ଗୃହ ଠାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାଇକେନପାଲି ଅଧକ୍ଷ ଡାକ୍ତର. ରାମଶଙ୍କର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସଭା ରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ), ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ,ବ୍ଲକ କାର୍ଯ୍ୟ ପରିଚାଳକ ପ୍ରିୟରଞ୍ଜନ ସାହୁ, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତନୁ କୁମାର ମେହେର, ଷ୍ଟାଫ ନର୍ସ ସୁନିତା କୁଜୁର ପ୍ରମୁଖ ଯୋଗଦେଇ ଆଜିର ଦିବସରେ ଆମେ ସମସ୍ତେ ସ୍ତନ୍ୟପାନ ବିଷୟରେ ଜନସଚେତନା ସୃଷ୍ଟି କରି ଏହା ବିଷୟରେ ଜାଣିବା, ବୁଝିବା ଓ ଅନ୍ୟ ମାନଙ୍କୁ ବୁଝାଇବା ଉପରେ ଗୁରୁତ୍ୱ ରୋପ କରିଥିଲେ । ଏବଂ ମାଆ କ୍ଷୀର ଠାରୁ ଶକ୍ତିଶାଳୀ ଅମୋଘ ରୋଗ ପ୍ରତିରୋଧକ ଶକ୍ତି ଆଉ ନାହିଁ ବୋଲି ମତ ରଖିଥିଲେ । ଉକ୍ତ ସଭାରେ ସମସ୍ତ ଆଶାକର୍ମୀ ଏବଂ ପ୍ରସୂତି ମାଆ ସବୁ ଉପସ୍ଥିତ ଥିଲେ । ଏଠାରେ ଏକ ମୌଖିକ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଉତୀର୍ଣ୍ଣ ପ୍ରତିଯୋଗୀ ଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତନୁ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ରୂପଚର୍ଯ୍ୟାରେ ରସୁଣ



କେଶ- କେଶ ଝଡ଼ିବା ବର୍ତ୍ତମାନ ଅନେକଙ୍କ ଲାଗି ଏକ ପ୍ରମୁଖ ସମସ୍ୟା। ଯଦି ଆପଣ ବି ଏହି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ରତିଦିନ କେଶରେ ରସୁଣ ତେଲ ମସାଜ କରି କିଛି ସମୟ କେଶକୁ ଘୋଡ଼ାଇ ରଖନ୍ତୁ। ଭଲ ଭାବେ ତେଲ ଭେଦିଯିବା ପରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କଲେ ଖୁବ୍ କମ୍ ଦିନରେ ଆପଣ ଫରକ ଜାଣିପାରିବେ।

ବ୍ରଣ: ଦୁଇ କୋଲା ରସୁଣକୁ ଛେଚି ରସ ବାହାର କରିଦିଅନ୍ତୁ। ସେହି ରସରେ ସମ ପରିମାଣରେ ହ୍ୱାଇଟ ଭିନେଗାର ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ତୂଳା ସାହାଯ୍ୟରେ ଉକ୍ତ ମିଶ୍ରଣକୁ ବାରମ୍ବାର ନେଇ ବ୍ରଣ ହୋଇଥିବା ସ୍ଥାନରେ ଲଗାନ୍ତୁ। ଏଥିରେ ଭରି ରହିଥିବା ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିଫଙ୍ଗାଲ, ଆଣ୍ଟିବାୟୋଟିକ, ଆଣ୍ଟିସେପ୍ଟିକ ଏବଂ ଜର୍ମିସାଇଡ଼ ତତ୍ତ୍ୱ ଖୁବ୍ ଶୀଘ୍ର ବ୍ରଣ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

ଦାଗ: ଦାଗ ଥିଲେ ମୁହଁର ସୌନ୍ଦର୍ଯ୍ୟ ଏବଂ ଆକର୍ଷଣ କମିଯାଏ। ତେଣୁ ଏହି ସମସ୍ୟା ଘରୋଇ ଉପାୟରେ ଦୂର କରିବା ଲାଗି ୩-୪ଟି ରସୁଣ କୋଲା ନେଇ ତାକୁ ଛେଚି ଦିଅନ୍ତୁ। ଅଳ୍ପ ପାଣିରେ ଛେଚା ରସୁଣକୁ ପକାଇ ଭଲ ଭାବେ ଫୁଟାଇ ଦିଅନ୍ତୁ। ବର୍ତ୍ତମାନ ଏହାକୁ କାଢ଼ି ପେଷ୍ଟ ପ୍ରସ୍ତୁତ କରି ଦାଗ ଥିବା ସ୍ଥାନରେ ଲଗାଇ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କରିବା ପରେ ଦାଗ ଧୀରେ ଧୀରେ ଲିଭିଯିବ।

ଏଜିଙ୍ଗ: ରସୁଣର ଥିବା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ତ୍ୱଚାକୁ କ୍ଷତି ପହଞ୍ଚାଉଥିବା ବିଭିନ୍ନ ହାନିକାରକ ଉପାଦାନକୁ ନଷ୍ଟ କରିଦିଏ। ସେହିପରି ଏଥିରେ




ଥିବା ସଲଫର କୋଲାଜେନ ପ୍ରସ୍ତୁତ କରି ଏଜମାର୍କ ଦୂର କରିଥାଏ। ତେଣୁ ଏଜିଂ ସମସ୍ୟା, ରିଙ୍କଲ ମାର୍କ ଦୂର କରିବା ଲାଗି ରସୁଣ ବ୍ୟବହାର କରି ପାରିବେ । ୨-୩ କୋଲା ରସୁଣକୁ ଭଲ ଭାବେ ଛେଚି କିମ୍ବା ବାଟି ଫେସ୍‌ପ୍ୟାକରେ ମିଶାଇ ମୁହଁରେ ଲଗାନ୍ତୁ। କିଛି ସମୟ ରଖିବା ପରେ ମୁହଁ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କଲେ ପ୍ରିମ୍ୟାଚୋର ଏଜିଂ ସମସ୍ୟା ଦୂର ହୋଇଥାଏ।

ପୋର୍ସ: ବୟସ ବଢ଼ିବା ସହ ଶରୀରରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖାଦେଇଥାଏ। ବିଶେଷକରି ତ୍ୱଚାରେ ଏହି ପରିବର୍ତ୍ତନ ପ୍ରଥମେ ବାରି ହୋଇଥାଏ। ତ୍ୱଚାରେ କୁଞ୍ଚନ ଏବଂ ଅନେକଙ୍କ ଠାରେ ଛୋଟ ଛୋଟ କଣା ବା ପୋର୍ସ ଦେଖାଦେଦଇଥାଏ। ଯାହାକୁ ପ୍ରାକୃତିକ ଉପାୟରେ ଦୂର କରିବାରେ ବେଶ୍ ସାହାଯ୍ୟ କରିଥାଏ ରସୁଣ। ଏଥିପାଇଁ ଆପଣ ଅଧା ଟମାଟୋ ସହ ୩-୪ କିଲୋ ରସୁଣ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ୨-୩ ପରସ୍ତ ମୋଟା କରି ତ୍ୱଚାରେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ଅଳ୍ପ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଉଭୟରେ ଥିବା ଆଣ୍ଟିସେପ୍ଟିକ୍ ଗୁଣ ତ୍ୱଚାକୁ ଟାଇଟ୍ କରିବା ସହ ପୋର୍ସ ଦୂରକରିଥାଏ।

ଷ୍ଟ୍ରେଚ ମାର୍କ: ନଡ଼ିଆ କିମ୍ବା ଅନ୍ୟ କୌଣସି ତେଲରେ ୩-୪ କିଲୋ ରସୁଣ ପକାଇ ଫୁଟାଇ ଦିଅନ୍ତୁ। ଏହାକୁ ଷ୍ଟ୍ରେଚ ମାର୍କ ଉପରେ ଧୀରେ ଧୀରେ ମସାଜ କରନ୍ତୁ। ଏହାଦ୍ୱାରା ରସୁଣରେ ଥିବା ସଲଫର ଶରୀରରେ ଥିବା ଭିଟାମିନ ବି ସହିତ ମିଶି ତ୍ୱଚାର ଇଲାଷ୍ଟିସିଟି ବଢ଼ାଇଥାଏ। ପ୍ରତିଦିନ ଏହାକୁ ଲଗାଇଲେ ଆପଣ କିଛି ସପ୍ତାହ ମଧ୍ୟରେ ଷ୍ଟ୍ରେଚ ମାର୍କ ଦୂର ହେଉଥିବା ଅନୁଭବ କରିବେ।

# ଘରୋଇ ବୈଦ୍ୟ: ସୋରିଷ ତେଲ-ହଳଦୀ

ସୋରିଷ ଏବଂ ହଳଦୀକୁ ଆମେ ରୋଷେଇରେ ନିଶ୍ଚୟ ବ୍ୟବହାର କରିଥାଉ। ଖାଦ୍ୟରେ ସ୍ୱାଦ ବଢ଼ାଇବା ବ୍ୟତୀତ ଏଥିରେ ଥିବା ଆଂଟି-ଅକ୍ସିଡେଂଟସ୍, ଆଂଟି-ବ୍ୟାକ୍ଟେରିୟଲ, ଆଂଟି-ଭାଇରାଲ ଉପାଦାନ ହେତୁ ଏହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ନିୟନ୍ତ୍ରଣାଧୀନ କରିଥାଏ। ଯଦି ଆମେ ନିୟମିତ ସୋରିଷ ତେଲରେ ହଳଦୀ ମିଶାଇ ଖାଇବା ତାହା ଆମ ପାଇଁ ଘରୋଇ ବୈଦ୍ୟ ଭଳି କାମଦେବ। ତାହେଲେ ଆସନ୍ତୁ ଜାଣିବା ସୋରିଷ ତେଲ ଓ ହଳଦୀର କେତେକ ଉପାଦେୟ ପ୍ରଶ୍ନାବଳୀ...।



- ସୋରିଷ ତେଲରେ ହଳଦୀ ମିଶାଇ ଖାଇବା ଦ୍ୱାରା ଖାଦ୍ୟ ଶୀଘ୍ର ହଜମ ହୋଇଥାଏ। ଫଳରେ ଭୋକ ବଢ଼ିଥାଏ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂରହୁଏ।
- ସୋରିଷ ତେଲରେ ହଳଦୀ ମିଶାଇ ଖାଇଲେ ଶରୀରରୁ କୋଲେଷ୍ଟେରର ମାତ୍ରା କମ୍ ହୋଇଥାଏ। ଏହାଦ୍ୱାରା ରକ୍ତ ସଂଚାଳନରେ ସୁଧାର ଆସିବା ସହ ହୃତପିଣ୍ଡ ଦୁର୍ବଳ ହୁଏନାହିଁ।
- ଏହାକୁ ପିଇବା ଦ୍ୱାରା ବ୍ୟକ୍ତି କ୍ୟାନସର ସମସ୍ୟାକୁ ଏଡ଼ାଇ ଦେଇପାରେ। କାରଣ ଏଥିରେ ଥିବା ଆଂଟି-ଅକ୍ସିଡେଣ୍ଟସ୍ କ୍ୟାନସର କୋଷକୁ ନଷ୍ଟ କରିବାରେ ସହାୟକ।
- ଏହାଦ୍ୱାରା କଫ ସମସ୍ୟା ମଧ୍ୟ ଦୂର ହୁଏ। ନିଃଶ୍ୱାସ-ପ୍ରଶ୍ୱାସ ସହଜ ହେବା ସହ ଶ୍ୱାସ ନିୟନ୍ତ୍ରଣରେ ରହେ।
- ମାଂସପେଶୀ ଜନିତ ଯନ୍ତ୍ରଣା ଦୂର ହୋଇପାରେ। ସୋରିଷ ତେଲରେ ହଳଦୀ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଯାହା ଦ୍ୱାରା ଥଣ୍ଡା, ଜ୍ୱର ବା ଭୂତାଣୁ ଜନିତ ରୋଗ ଠାରୁ ମୁକ୍ତି ମିଳେ।

# ଫୁଲ ଚିତ୍ରିତ ଗାଁ

ପୋଲାଣ୍ଡର ଜାଲିପାଏ ଏକ ଛୋଟ ଗାଁ। ଗାଁର ମୁଖ୍ୟ ଆକର୍ଷଣ କିନ୍ତୁ ଏହାର ଘଣ। ଘର ଗୁଡ଼ିକୁସୁନ୍ଦର ଭାବେ ପେଂଟ ୍ କରାଯାଇଛି। କେବଳ ରଙ୍ଗରନୁହଁ କାନ୍ଥ ଗୁଡ଼ିକ ପାରମ୍ପରିକ



ଫୁଲରେ ଡିଜାଇନ କରାଯାଇଥାଏ।

୭୦ବର୍ଷର ଦାନୁଟା ଡାଏମନ ଯିଏକି ଏହି ପାରମ୍ପରିକ ପଦ୍ଧତିକୁ ଆପଣାଇଛନ୍ତି। କିନ୍ତୁ ସେ ଏହି କାମକୁ ଏକୁଟିଆ କରନ୍ତି ନାହିଁ। ଜାଲିପାଏ ଗାଁର ମହିଳା ଏବଂ ବେଳେବେଳେ ପୁରୁଷମାନେ ମଧ୍ୟ ଏଭଳି ପେଂଟ କରିଥାନ୍ତି। ଘରର ବାହାର ଏବଂ ଭିତରକୁ ପାରମ୍ପରିକ ଫୁଲରେ ଡେକୋରେଟ୍ କରାଯାଇଥାଏ। ଘରର ଛାତ, ପରଦା, ତକିଆ, କେଟିଲ୍, କାଠ ଚାମଚ ଏମିତିକି ଟଏଲେଟକୁ ମଧ୍ୟ ପାରମ୍ପରିକ ପଦ୍ଧତିରେ ପେଣ୍ଟ୍ କରାଯାଇଥାଏ। ଏହି ପରମ୍ପରା ଉନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଆରମ୍ଭ କରାଯାଇଥିଲା। ପେଂଟ୍ କରୁଥିବା ମହିଳାମାନେ ଘରେ ପ୍ରସ୍ତୁତ ହୋଇଥିବା ଏକ ବ୍ରସର ବ୍ୟବହାର କରିଥାନ୍ତି। ଏଥିପାଇଁ ପ୍ରଥମେ ପୁରୁଣା କାନ୍ଥକୁ ନୂଆ ରୂପ ଦେଇଥାନ୍ତି ଏବଂ ଏହାପରେ କାନ୍ଥରେ ଫୁଲର ଡିଜାଇନ୍ କରିଥାନ୍ତି। ଏହି ବ୍ରସ୍ ବାର୍ଚ୍ଚ ଗଛର ଡାଳ, ଗାଈ ଏବଂ ଘୋଡ଼ାର ଲାଞ୍ଜରେ ଥିବା କେଶରୁ ପ୍ରସ୍ତୁତ କରାଯାଇଥାଏ। ବିନ୍ଦୁ ବିନ୍ଦୁ ଲାଇନରେ ବୃତାକାର କରି କାନ୍ଥରେ ରେଡ୍ ପପିଜ୍ ଫୁଲ, ପିଙ୍କ୍ ଗୋଲାପ ଏବଂ ହଳଦିଆ ଡାଇସିସ୍ ଫୁଲରେ ଡିଜାଇନ କରିଥାନ୍ତି। ଏହି ପରମ୍ପରାକୁ ପିଢ଼ି ପରେ ପିଢ଼ି କରିଥାନ୍ତି। ବସନ୍ତ ଋତୁ ଆସିଲେ ଗାଁରେ ଏହି ପାରମ୍ପରିକ ପେଂଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ଲୋକମାନଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥାଏ। ଏହି ଫୁଲର ଗାଁକୁ ଦେଖିବା ପାଇଁ ବିଭିନ୍ନ ଦେଶରୁ ବର୍ଷକୁ ୨୫,୦୦୦ ପର୍ଯ୍ୟଟକ ଆସିଥାନ୍ତି।



# ଦେହର ଗନ୍ଧ ବାରିପାରିବ ଏହି ମେସିନ୍

ଜାପାନର ଏକ କ୍ୟାମେରା ନିର୍ମାତା କମ୍ପାନୀ କୋନିକା ମିନଲୋଟା ଏବେ ଏଭଳି ଏକ ଉପକରଣ ବଜାରକୁ ଛାଡ଼ିଛି ମଣିଷ ଦେହରୁ ବାହାରୁଥିବା ଗନ୍ଧକୁ ବାରିପାରିବ ଏବଂ ତାକୁ ଆଲର୍ଟ କରିପାରିବ। ଏହି ଉପକରଣର ନାମ ହେଉଚି 'କୁନକୁନ ବଡ଼ି'। ଜାପାନୀ ଭାଷାରେ କୁନ୍ ଶବ୍ଦର ଅର୍ଥ ହେଉଛି ଶୁଂଘି ଚିହ୍ନଟ କରିବା। ପକେଟରେ ରଖାଯାଇପାରୁଥିବା ଏହି ଉପକରଣରେ ଏଭଳି ସେନ୍ସର ଲାଗିଛି ଯାହାକି ମରିଷ ଦେଦହରେ ଗନ୍ଧ ସୃଷ୍ଟି କରୁଥିବା ରସାୟନିକ ପଦାର୍ଥକୁ ଚିହ୍ନଟ କରିଥାଏ ଏବଂ ତାହାର ବିଶ୍ଲେଷଣ କରିଥାଏ।











ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ଆଣ୍ଠୁଗଣ୍ଠିବାତ ଏକ ସାଧାରଣ ରୋଗ ପାଲଟିଛି। ଘରେ ଘରେ ଏବେ ଏହି ସମସ୍ୟା। କିନ୍ତୁ ଏହାକୁ ଅଣଦେଖା ନକରି ଉଚିତ୍ ଯତ୍ନ ନେଲେ ଆରୋଗ୍ୟ ସୁନିଶ୍ଚିତ। ଚାହିଁଲେ ଆପଣ ଏହାକୁ ଘରେ ବସି ଖୁବ୍ ସହଜ ଓ ସରଳ ଉପାୟରେ ଭଲ କରିପାରିବେ। ଏଥିପାଇଁ ଆପଣଙ୍କୁ କଂଚା ଅମୃତଭଣ୍ଡାର ଜୁସ୍ ସେବନ କରିବାକୁ ପଡ଼ିବ। ଗଣ୍ଠି ସମସ୍ୟା ଖୁବ୍ ଯନ୍ତ୍ରଣାଦାୟକ ହୋଇଥାଏ। କେତେବେଳେ ହାତ ବିନ୍ଧିଥାଏ ତ କେବେ ଗୋଡ଼ରେ ଯନ୍ତ୍ରଣା ଅନୁଭୂତ ହୁଏ। ନଚେତ୍ ସର୍ବଦା ଥକ୍କାପଣ, ଅନିଦ୍ରା ଓ ମାଂସପେଶୀ ଜନିତ ଯନ୍ତ୍ରଣା ଭୋଗିବାକୁ ପଡ଼େ। ଶରୀରରେ ଏଷ୍ଟ୍ରୋଜେନ୍ ଅଭାବରୁ ଏହି ସମସ୍ୟା ଉପୁଜିଥାଏ। ଏହା ଅଧିକାଂଶ ମହିଳାଙ୍କ ନିକଟରେ ଦେଖିବାକୁ ମିଳେ। ଥାଇରଏଡ଼ କାରଣରୁ ମଧ୍ୟ ଗଣ୍ଠି ବିନ୍ଧା ସମସ୍ୟା ଉପୁଜିଥାଏ। ତ୍ୱଚା କିମ୍ବା ରକ୍ତ ସମବନ୍ଧିତ ରୋଗ ହେଲେ ବି ଅସ୍ଥିର ଯନ୍ତ୍ରଣା ଉତ୍ପନ୍ନ ହୁଏ। ପୋଷକତତ୍ତ୍ୱର ଅଭାବ କାରଣରୁ ଅନେକ ଥର ରିହ୍ୟୁମେଟାଇଡ୍ ଆର୍ଥରାଇଟସ ହୋଇଥାଏ, ଯଦ୍ୱାରା ଗଣ୍ଠି ଯନ୍ତ୍ରଣା ହୋଇଥାଏ। ଏଥିରୁ ଆରୋଗ୍ୟ ପାଇଁ ବାରମ୍ବାର ଡାକ୍ତରୀ ପରାମର୍ଶ ସାଙ୍ଗକୁ ହଜାର ହଜାର ଟଙ୍କାର ଔଷଧ ସେବନ କରିବାକୁ ପଡ଼େ। କିନ୍ତୁ କମ୍ ଖର୍ଚ୍ଚରେ, ଘରୋଇ ଉପାୟରେ ଅମୃତଭଣ୍ଡା ଜୁସ୍ ପିଇଲେ ଏଥିରେ ଆରାମ ମିଳିବ। ଏଥପାଇଁ ୨ ଲିଟର ପାଣିରେ ଏକ ମଧ୍ୟମ ଆକାରର କଂଚା ଅମୃତଭଣ୍ଡାକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାପରେ ଅମୃତଭଣ୍ଡାକୁ ଛୋଟ ଛୋଟ ପିସ୍ କରି ୫ମିନିଟ ପାଇଁ ସିଝାନ୍ତୁ। ୨ ଚାମଚ ଗ୍ରୀନ ଟିରେ ଏହାକୁ ପକାଇ କିଛି ସମୟ ଫୁଟିବାକୁ ଛାଡ଼ନ୍ତୁ। ଫୁଟିଲାପରେ ପ୍ରତିଦିନ ଏହାକୁ ଗିଲାସେ ଲେଖାଏଁ ସେବନ କରନ୍ତୁ।

# ଗଣ୍ଠିବାତରୁ ରକ୍ଷା କରିବ ଅମୃତଭଣ୍ଡା ଜୁସ୍

# ଘ୍ରାଣଶକ୍ତି କମିଲେ ସ୍ମୃତି ଶକ୍ତି କମେ !



ଘ୍ରାଣଶକ୍ତି ସହ ସ୍ମୃତିଶକ୍ତିର ସମ୍ପର୍କ ରହିଛି। ଘ୍ରାଣ ଶକ୍ତିରେ ହ୍ରାସ, ସ୍ମୃତିଶକ୍ତି ହ୍ରାସର ଏକ ଲକ୍ଷଣ ହୋଇପାରେ। ଏ ଭଳି ବ୍ୟକ୍ତି ଭବିଷ୍ୟତରେ ଆଲଝାଇମର୍ସ ଭଳି ସ୍ମୃତି-ଶକ୍ତି ଦୋଷର ଶିକାର ହେବାର ଆଶଙ୍କା ଅଧିକ। ହାରାହାରି ଅଶୀବର୍ଷ ବୟସ୍କ ୧୪୩୦ଜଣ ମଣିଷଙ୍କ ଉପରେ ଅଧ୍ୟୟନ ଆଧାରରେ ଗବେଷକମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଏ ସମ୍ପର୍କରେ ଏକ ରିପୋର୍ଟ 'ଜେଏମଏ ନିଉରୋଲୋଜି'ରେ ପ୍ରକାଶ ପାଇଛି ଛଅଟି ଖାଦ୍ୟ-କଦଳୀ, ଚକଲେଟ, ଡାଲଚିନି, ଲେମ୍ବୁ, ପିଆଜ ଓ ସପୁରି ଏବଂ ଛଅଟି ଅଣ ଖାଦ୍ୟ-ଗ୍ୟାସୋଲିନ, ପେଣ୍ଟଥିନର, ସାବୁନ, ଧୂମ ଟର୍ପେଣ୍ଟିନ ଓ ଗୋଲାପ ଫୁଲର ଗନ୍ଧ ବାରିବାକୁ ନେଇ ପରୀକ୍ଷା କରାଯାଇଥିଲା। ପରୀକ୍ଷା ଅବଧି ଥିଲା ସାଢ଼େ ତିନିବର୍ଷ। ଏହି ଅବଧିର ବିଭିନ୍ନ ସମୟରେ ସେମାନଙ୍କ ଘ୍ରାଣ ଶକ୍ତି ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୪ଜଣ କ୍ରମେ ଏହି ଶକ୍ତି ହରାଇବା ସହ ଆଲଝାଇମର୍ସରେ ପୀଡ଼ିତ ହେବା, ଜଣାପଡ଼ିଥିଲା।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଶାନ୍ତ ଭେନେଜୁଏଲା....

ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଭେନେଜୁଏଲାରେ ରାଜନୈତିକ ଅସ୍ଥିରତା ଜାରି ରହିଛି। ରାଷ୍ଟ୍ରପତି ନିର୍ବାଚନରେ ଜନମତକୁ ସମ୍ମାନ ଦେବା ବଦଳରେ ଲୋକଙ୍କ ସ୍ୱର ଚପାଇଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି। ଅନେକ ସହରରେ ପୋଡ଼ାଜଳା, ଭଙ୍ଗାରୁଜା, ବିକ୍ଷୋଭ, ହିଂସାତ୍ମକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ମାରାକେ, ଫାଲକନ୍ ଭଳି ସହରରେ ବିକ୍ଷୋଭ ଜୋରଦାର ହୋଇଛି। ଭେନେଜୁଏଲା ରାଷ୍ଟ୍ରପତି ନିର୍ବାଚନରେ 'ୟୁନାଇଟେଡ ସୋସିଆଲିଷ୍ଟ ପାର୍ଟି'ର ପ୍ରାର୍ଥୀ ନିକୋଲାସ ମାଦୁରୋଙ୍କୁ ବିଜୟ ଘୋଷଣା କରିଛି ନ୍ୟାସନାଲ ଇଲେକ୍ଟରାଲ କାଉନସିଲ। କିନ୍ତୁ ଏହି ଫଳାଫଳକୁ ବିରୋଧୀ ଦଳ ଗ୍ରେଟ ପାଟ୍ରିଓଟିକ ପୋଲ ଗ୍ରହଣ କରିପାରୁନି। ବିରୋଧୀ ଦଳରୁ ପ୍ରାର୍ଥୀ ହୋଇଥିବା ଏଡମଣ୍ଡ ଗୋଞ୍ଜାଲେଜ ଓ ତାଙ୍କ ସମର୍ଥକ ନିର୍ବାଚନ ଗଣତି ଓ ଫଳ ଘୋଷଣାରେ ବ୍ୟାପକ ଜାଲିଆତି ଅଭିଯୋଗ ଆଣିଛନ୍ତି। ମଧ୍ୟରାତ୍ରିରେ ଫଳ ଘୋଷଣା ହୋଇଥିବାରୁ ଏହା ଆହୁରି ବିବାଦୀୟ ହୋଇପଡ଼ିଛି। ତୃତୀୟ ଥର କ୍ଷମତା ହାତେଇବାକୁ ସମସ୍ତ ସରକାରୀ ଶାସନ ବ୍ୟବସ୍ଥାକୁ ଦୁରୁପଯୋଗ କରି ନିକୋଲାସ ନିଜକୁ ବିଜୟୀ ଘୋଷଣା କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ଦେଶର ରାଜଧାନୀ କାରକାସ ସ୍ଥିତ ରାଷ୍ଟ୍ରପତି ଭବନ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିବା ସହ ରାଷ୍ଟ୍ରପତି ଭବନକୁ ଧସେଇ ପସିବାକୁ ଉଦ୍ୟମ କରିଛନ୍ତି। ସେମାନଙ୍କୁ ଦମନ କରିବାକୁ ରବର ବୁଲେଟ, ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଥିଲେ ମଧ୍ୟ ଆନ୍ଦୋଳନ ସମଗ୍ର ଦେଶକୁ ବ୍ୟାପିଛି। ସହରର ବିଭିନ୍ନ ସ୍ଥାନରେ ଥିବା ନିକୋଲାସ ମାଦୁରୋଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ଭାଙ୍ଗି ଦେଇଛନ୍ତି ବିକ୍ଷୋଭକାରୀ। ମାଦୁରୋଙ୍କ ସପକ୍ଷରେ ୫୨ ପ୍ରତିଶତ ଭୋଟ ପଡ଼ିଥିବା ବେଳେ ବିରୋଧୀ ପ୍ରାର୍ଥୀ ଏଡମଣ୍ଡ ଗୋଞ୍ଜେଲେଜଙ୍କୁ ୪୨ପ୍ରତିଶତ ଭୋଟ ମିଳିଛି। ନିର୍ବାଚନ ଫଳାଫଳକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପଡ଼ୋଶୀ ରାଷ୍ଟ୍ର ସମେତ ଆମେରିକା, ପେରୁ, ଚିଲି ଓ ଆର୍ଜେଣ୍ଟିନାରେ ମଧ୍ୟ ଦେଖିବାକୁ ମିଳିଛି। ଜାତିସଂଘ ଏନେଇ ତୁରନ୍ତ ରିପୋର୍ଟ ମାଗିଛି। ତେବେ ପ୍ରଶ୍ନ ଉଠୁଛି ଭେନେଜୁଏଲା ନାଗରିକଙ୍କ ପସନ୍ଦ ରାଷ୍ଟ୍ରପତି କିଏ ? କାହିଁକି ନିକୋଲାସ ମାଦୁରୋଙ୍କ ଶାସନକୁ ନେଇ ଅସନ୍ତୁଷ୍ଟ ଭେନେଜୁଏଲାବାସୀ ? ମତଦାନ ପ୍ରକୃତରେ ଜାଲିଆତି ହୋଇଛି କି ? ଲୋକେ ପରିବର୍ତ୍ତନ ପାଇଁ ଭୋଟ ଦେଇଥିବା ବେଳେ ଜାଣିଶୁଣି ସେମାନଙ୍କ ସ୍ୱରକୁ ଚପାଇବାକୁ ଚେଷ୍ଟା ହୋଇଛି କି ? ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଜନମତ ସଂଗ୍ରହ ବେଳେ ଲୋକେ ନିକୋଲାସ ମାଦୁରୋଙ୍କୁ ଏକ ପ୍ରକାର ତିରସ୍କାର କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ବଦଳରେ ଏଡମଣ୍ଡ ଗୋଞ୍ଜେଲାଜଙ୍କୁ ନୂଆ ରାଷ୍ଟ୍ରପତି ଭାବେ ଦେଖିବାକୁ ସେମାନେ ମତ ଦେଇଥିବା ଜଣା ପଡ଼ିଥିଲା। ଏକଦା ସମୃଦ୍ଧ ଭେନେଜୁଏଲା ବର୍ତ୍ତମାନ ଆର୍ଥିକ ଦୁର୍ଦ୍ଦିନ ଦେଇ ଗତି କରୁଛି। ଲୋକେ ଖାଦ୍ୟ ପାଇଁ ନିଜେ ନିଜକୁ ବିକ୍ରି କରୁଛନ୍ତି। ଆମେରିକାର ଆର୍ଥିକ କଟକଣା, ଲୋକଙ୍କ ଦେଶାନ୍ତର, ତୈଳଶିଳ୍ପରେ ବ୍ୟାପକ ଜାଲିଆତି ଭଳି ଅନେକ ସମସ୍ୟା ଦେଇ ଗତି କରୁଛି ଭେନେଜୁଏଲା। ଏଥିପାଇଁ ଲୋକେ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଦାୟୀ କରୁଛନ୍ତି। ଗତ ୧୧ ବର୍ଷ ଧରି ମାଦୁରୋ କ୍ଷମତାରେ ଥିଲେ ମଧ୍ୟ ଦେଶ ବିକାଶରେ କୌଣସି ସଂସ୍କାରମୂଳକ ପଦକ୍ଷେପ ନେଇନାହାନ୍ତି। ମାଦୁରୋଙ୍କୁ ହଟାଇବା ଲାଗି ସବୁ ବିରୋଧୀ ଦଳ ଗୋଞ୍ଜାଲେଜଙ୍କ ସହ ଏକାଠି ହୋଇ ଏଥର ନିର୍ବାଚନ ଲଢୁଥିଲେ। ଏହାସହ ଆମେରିକା ସମେତ ଅନେକ ପଶ୍ଚିମ ଓ ଲାଟିନ୍ ଆମେରିକୀୟ ଦେଶ ଭେନେଜୁଏଲା ନିର୍ବାଚନ ଉପରେ ନଜର ରଖିଥିଲେ। ସବୁ ମତଦାନ କେନ୍ଦ୍ରରେ ନିର୍ବାଚନ ରେକର୍ଡ ଜାରି କରିବାକୁ କୁହାଯାଇଥିଲା। ତେଣୁ ଜାତିସଂଘ, ୟୁରୋପୀୟ ସଂଘ ସମେତ ବହୁ ଦେଶ ଭେନେଜୁଏଲାରେ ନିର୍ବାଚନ ଫଳାଫଳର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଇଛନ୍ତି। ଜାତିସଂଘର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମଧ୍ୟ ନିର୍ବାଚନରେ ଜାଲିଆତି ହୋଇଥିବା ରିପୋର୍ଟ ଦେଇଛନ୍ତି। ଅନ୍ୟପଟେ ମାଦୁରୋଙ୍କୁ ଚୀନ୍, ରୁଷ ଓ କ୍ୟୁବାର ବାମପନ୍ଥୀ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ଦେଶଗୁଡ଼ିକ ସମର୍ଥନ ଜାରି ରଖିଛନ୍ତି। ମାଦୁରୋଙ୍କୁ ବିଜୟ ଘୋଷଣା ପରେ ଏହି ସବୁ ଦେଶର ରାଷ୍ଟ୍ରମୁଖ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭେନେଜୁଏଲାର କିଛି ପଡ଼ୋଶୀ ରାଷ୍ଟ୍ର କିନ୍ତୁ ନିର୍ବାଚନ ଫଳାଫଳକୁ ନେଇ ସନ୍ତୁଷ୍ଟ ନାହାନ୍ତି। ନ୍ୟାସନାଲ୍ ଇଲେକ୍ଟୋରାଲ କାଉନସିଲ୍‌ର ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଭେନେଜୁଏଲାରେ ସ୍ୱଚ୍ଛ ଶାସନ ଓ ଲୋକଙ୍କ ପସନ୍ଦକୁ ସମ୍ମାନ ଦିଆଯିବା ଜରୁରୀ ବୋଲି ସ୍ୱର ଦୃଢ଼ ହେବାରେ ଲାଗିଛି। ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନ ଭେନେଜୁଏଲା ନିର୍ବାଚନରେ ବ୍ୟାପକ ହେରଫେର ନେଇ ଅସନ୍ତୋଷ ପ୍ରକାଶ କରିଛି, ଯାହାକୁ ସମାଲୋଚନା କରିଛନ୍ତି ମାଦୁରୋ। ଭେନେଜୁଏଲାରେ ଲିକୋଲାସ ମାଦୁରୋଙ୍କ ବିଜୟ ବିଶ୍ୱକୁ ଦକ୍ଷିଣପନ୍ଥୀ ଓ ବାମପନ୍ଥୀ ଭାବରେ ଦୁଇଭାଗ କରିଦେଇଛି। ଭେନେଜୁଏଲାର ପଡ଼ୋଶୀ ରାଷ୍ଟ୍ର ବ୍ରାଜିଲ କିମ୍ବା କଲମ୍ବିଆ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଶେଷରେ ଏତିକି କୁହାଯାଇ ପାରେ ଯେ ନିରଙ୍କୁଶ ଶାସନ ଉପଭୋଗ କରୁଥିବା ଗଣତନ୍ତ୍ର ନାଁରେ ସ୍ୱେଚ୍ଛାଚାରିତା ଓ ଏକଛତ୍ରବାଦକୁ ପ୍ରୋତ୍ସାହନ କରୁଥିବା ନେତାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ସାଧାରଣ ନିର୍ବାଚନରେ ନାଗରିକଙ୍କ ମତଦାନ ହିଁ ସବୁଠାରୁ ବଡ଼ ଅସ୍ତ୍ର। ତେଣୁ ରାଜନେତାମାନେ କ୍ଷମତା ପାଇଁ ଅନ୍ଧ ନହୋଇ ଜନମତକୁ ସମ୍ମାନ ଦେବା ଜରୁରୀ। କୌଣସି ଦେଶର ଦୃଢ଼ ଶାସନ ବ୍ୟବସ୍ଥା ସେହି ଦେଶର ନାଗରିକଙ୍କ ପସନ୍ଦ ଓ ନାପସନ୍ଦ ଉପରେ ତିଷ୍ଠି ରହେ। ସବୁବେଳେ ଗଣତନ୍ତ୍ରର ବିଜୟ ହିଁ ହୋଇଥାଏ।

## ମନସ୍ୱୀ ତଥା ଜ୍ଞାନ ତପସ୍ୱୀ.. ପଣ୍ଡିତ ନୀଳକଣ୍ଠ



### ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର



ସତ୍ୟବାଦୀର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ବରପୁତ୍ର ନୀଳକଣ୍ଠ। ନୀଳକଣ୍ଠ ଦାସ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଓଡ଼ିଶାର ସାମାଜିକ, ରାଜନୈତିକ, ସାଂସ୍କୃତିକ ଓ ସାହିତ୍ୟିକ ଜୀବନକୁ ସମୃଦ୍ଧ କରିଥିଲେ। ସେ ଏକାଧାରରେ ଥିଲେ ଜଣେ ବାଗ୍ମୀ, ଶିକ୍ଷାବିତ୍, କବି, ଲେଖକ, ପ୍ରାବନ୍ଧିକ, ସମୀକ୍ଷକ, ଶିଶୁ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ ବ୍ୟବସ୍ଥାପକ, ରାଜନେତା ଓ ସର୍ବୋପରି ଜଣେ ଦେଶସେବକ।

ଆଜି ଅଗଷ୍ଟ ମାସର ପାଞ୍ଚ ତାରିଖ। ଏହି ପବିତ୍ର ଦିବସଟି ହେଉଛି ସେହି ମହାତ୍ମାଙ୍କର ଜନ୍ମଦିନ। ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଅଞ୍ଚଳରେ ଶ୍ରୀ ରାମଚନ୍ଦ୍ରପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ପରିବାରରେ ୧୮୮୪ ମସିହା ଅଗଷ୍ଟ ମାସ ପାଞ୍ଚ ତାରିଖ ମଙ୍ଗଳବାର ଦିନ ଜନ୍ମଗ୍ରହଣ କରିଥିଲେ। ସେ ଥିଲେ ଆଜନ୍ମ ବିପ୍ଳବୀ ଓ ସଂସ୍କାରବାଦୀ। ଅଛୁଆଁ ଭେଦଭାବ, ବିଭିନ୍ନ ସାମାଜିକ କୁସଂସ୍କାରକୁ ସେ ଘୋର ବିରୋଧ କରୁଥିଲେ।

ସେ ଜଣେ ମେଧାବୀ ଛାତ୍ର ଥିଲେ। ଭର୍ଣ୍ଣାକୁଲାର ପରୀକ୍ଷାଠାରୁ ଆରମ୍ଭ କରି ରେଭେନ୍ସା କଲେଜର ବି.ଏ ପରୀକ୍ଷା ପର୍ଯ୍ୟନ୍ତ ସେ ଓଡ଼ିଶାର ପ୍ରଥମ ହୋଇ ଆସିଥିଲେ। 'ଦର୍ଶନଶାସ୍ତ୍ର' ଓ ରସାୟନ ବିଜ୍ଞାନ ବିଷୟକୁ ନେଇ ସେ ବି.ଏ. ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ମାସିକ ବୃତ୍ତିପାଇ କଲିକତା ବିଶ୍ୱବିଦ୍ୟାଳୟରେ ଦର୍ଶନ ଶାସ୍ତ୍ରରେ ଏମ.ଏ ପଢ଼ିଥିଲେ। ସେଠାରେ ବି ସେ କୃତିତ୍ୱର ସହ ସ୍ନାତକୋତ୍ତର ଉପାଧି ହାସଲ କଲେ। ତାଙ୍କର ଅଧ୍ୟୟନ ଦକ୍ଷତାରେ ପ୍ରୀତ ହୋଇ ସେ ସମୟର ଇଂରେଜ ସରକାର ତାଙ୍କୁ ଅନେକ ଉଚ୍ଚ ବେତନଯୁକ୍ତ ଚାକିରି ପ୍ରଦାନ କରିଥିଲେ। ହେଲେ ତାହାକୁ ଗ୍ରହଣ ନକରି ଏକାଗ୍ରତାର ସହ ଏଡ଼ାଇ ଦେଇଥିଲେ।

ମାତ୍ର ସେଦିନ ଉତ୍କଳର ତିନିଜଣ ବରପୁତ୍ର ଉତ୍କଳମଣି ପଣ୍ଡି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାଶ ଓ ପଣ୍ଡିତ ନୀଳକଣ୍ଠ ଦାସ ଭାର୍ଗବୀ ନଦୀରେ ବଢ଼ି ପାଣିରେ ଭାସିଯାଉଥିବା ହଜାର ହଜାର ଶବମାନଙ୍କୁ ଦେଖି ଶପଥ ନେଇଥିଲେ- 'ସରକାରୀ ଚାକିରୀ କରିବା ନାହିଁ। ଏଇଲେ ଦେଶକୁ ଯେମିତି ଦେଖୁରେ, ମଲା ବେଳକୁ ଆହୁରି ଭଲ ଦେଖି ମରିବା।'

ଅନଗ୍ରସର ତଥା ମୂକ ଓଡ଼ିଆ ଜାତିର ପାଟିରେ ଭାଷା ଦେବା ପାଇଁ ୧୯୦୯ ମସିହାରେ 'ସତ୍ୟବାଦୀ ବନବିଦ୍ୟାଳୟ' ପ୍ରତିଷ୍ଠା ହେଲା। ସେ ସମୟରେ ଏମ୍.ଏ ପଢୁଆ ନୀଳକଣ୍ଠ ଦାସ ମାସକୁ ମାତ୍ର ତିରିଶ ଟଙ୍କା ଦରମାରେ 'ପ୍ରଧାନ ଶିକ୍ଷକ'ର ଗୁରୁ ଦାୟିତ୍ୱ ବହନ କଲେ। ସତ୍ୟବାଦୀର ମୁକ୍ତ ଆକାଶ ତଳେ ଯେଉଁ ମହାନ ବ୍ୟକ୍ତି ଅନୁଷ୍ଠାନ ପ୍ରତିଷ୍ଠା କଲେ ଓ ଯେଉଁ ମହାନ ଆଚାର୍ଯ୍ୟଗଣ ବନ ବିଦ୍ୟାଳୟର ବିନ୍ଧାଇ ହେଲେ ଯେଉଁ ଆଶାବାଦୀ ଛାତ୍ରମାନେ ଏଠାରେ ଜୀବନ ଗଠନ କରିବାକୁ ଆସିଲେ ଯେଉଁ ଅଭିଭାବକ ଗଣ ସେମାନଙ୍କର ଗଭୀର ଆତ୍ମବିଶ୍ୱାସ ଯୋଗୁଁ ପିଲାମାନଙ୍କୁ ବନ ବିଦ୍ୟାଳୟକୁ ପଠାଇଲେ, ସେ ସମସ୍ତଙ୍କର ଆଶା, ବିଶ୍ୱାସ ଓ ଭାବନାକୁ ସାକାର ରୂପ ଦେବାପାଇଁ ନୀଳକଣ୍ଠ ସାରଥି ସାଜିଲେ। ନିଜର ସମସ୍ତ ସୁଖ, ସ୍ୱାଚ୍ଛନ୍ଦ ଓ ଅଭିଳାସକୁ ଜଳାଞ୍ଜଳି ଦେଇ ସମସ୍ତଙ୍କର ଚିନ୍ତା ଓ ଚେତନାକୁ ସାକାର ରୂପ ଦେବାପାଇଁ ପ୍ରାଣପଣେ ଲାଗି ପଡ଼ିଲେ ବନବିଦ୍ୟାଳୟକୁ ଏକ ଅନନ୍ୟ ଅନୁଷ୍ଠାନରେ ପରିଣତ କରିବା ପାଇଁ। ନିଜେ ସାଧାସିଧା ଜୀବନ ବିତାଇ ଉତ୍ତର ପିଢ଼ି ଛାତ୍ରମାନଙ୍କୁ ଶିକ୍ଷାଦାନ ସହ ନୀତି ଓ ଶୃଙ୍ଖଳାରେ ଅନୁପ୍ରାଣିତ ହେବା ପାଇଁ ବେଶ୍ ଗୁରୁତ୍ୱ ଦେଉଥିଲେ। ଯେତେ ଜ୍ଞାନର ଅଧିକାରୀ ହେଲେ ବି ସର୍ବଦା ଅହଂକାର ପରିତ୍ୟାଗ କରିବାକୁ ଛାତ୍ରମାନଙ୍କୁ ଶିକ୍ଷା ଦେଉଥିଲେ। ଛାତ୍ରମାନେ ଅଧିକ ଜ୍ଞାନ ଆହରଣ କରିବା ପାଇଁ 'ପୁସ୍ତକ ପଠନ'କୁ ସେ ଅଧିକ ଗୁରୁତ୍ୱ ମଧ୍ୟ ଦେଉଥିଲେ।

ସେ କବିତା, ପ୍ରବନ୍ଧ, ଶିଶୁ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ନିଜର ଅନେକ ଅବଦାନ ଛାଡ଼ି ଯାଇଛନ୍ତି। ଓଡ଼ିଶାର ବିଶିଷ୍ଟ ଲେଖକ ଓ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ତାଙ୍କର ଶିଶୁ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନକୁ ଅନୁଧ୍ୟାନ କରି ତାଙ୍କୁ ଶିଶୁ ସାହିତ୍ୟର ଆଦ୍ୟ ସ୍ରଷ୍ଟା 'ବୋଲି କହିଛନ୍ତି। ସେହିପରି ଓଡ଼ିଆ ଭାଷାବିତ୍ ମାନଙ୍କ ମତରେ ସେ ହେଉଛନ୍ତି 'ପ୍ରଥମ ଓଡ଼ିଆ ଭାଷା ବିଜ୍ଞାନୀ।' ତାଙ୍କରର 'ପ୍ରଣୟିନୀ କୋଣାର୍କ, ଖାରବେଳ ଓ ଦାସ ନାୟକ ଆଦି କାବ୍ୟ, ପୁଣି 'ଆର୍ଯ୍ୟ ଜୀବନ', ସଂସ୍କୃତି ଓ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ଆଦି ପ୍ରବନ୍ଧ ଗ୍ରନ୍ଥ ଓ 'ପିଲାଙ୍କ ରାମାୟଣ', 'ପିଲାଙ୍କ ମହାଭାରତ' ଓ 'ପିଲାଙ୍କ ଭାଗବତ' ଆଦି ଶିଶୁ ସାହିତ୍ୟ ବେଶ୍ ପାଠକୀୟ ସ୍ୱୀକୃତି ଲାଭ କରିଥିଲା। ଅତଏବ ତାଙ୍କର ସାହିତ୍ୟିକ ପ୍ରତିଭା ଥିଲା ବହୁମୁଖୀ। ଓଡ଼ିଆ ଗଦ୍ୟ ଓ ପଦ୍ୟ ସାହିତ୍ୟକୁ ଏକ ମର୍ଯ୍ୟାଦାଜନକ ସ୍ଥାନରେ ଉପସ୍ଥାପନ କରିବା ଦିଗରେ ତାଙ୍କର ପ୍ରଚେଷ୍ଟା ଅବିସ୍ମରଣୀୟ। ତାଙ୍କର ଧର୍ମ ଚେତନାମୂଳକ ପ୍ରବନ୍ଧ ରଚନା ବି ବେଶ୍ ନିଆରା। ତାଙ୍କ ରଚିତ ଭାଗବତ ଗୀତ ଭଳି 'ଭାଗ୍ୟଗ୍ରନ୍ଥ' ସମଗ୍ର ଭାରତୀୟ ସାହିତ୍ୟରେ ଦୁର୍ଲଭ କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଆ ସାହିତ୍ୟ ଜଗତରେ ସେ ଜଣେ ସ୍ୱୟଂ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ। ତାଙ୍କର ଅଗାଧ ଜ୍ଞାନ ଗାରିମା ପାଇଁ ସେ 'ଜୀବନ୍ତ ଜ୍ଞାନ କୋଷ' ନାମରେ ପରିଚିତ ଥିଲେ। ଆଜୀବନ ସେ ପଠନ, ଲିଖନ ଓ ଚିନ୍ତନକୁ ବଜାଇ ରଖିଥିବାରୁ ତାଙ୍କୁ 'ପଣ୍ଡିତ' ଉପାଧି ବେଶ୍ ସାଜିଥିଲା।

ଜଣେ ପ୍ରତିଷ୍ଠିତ ଶିଶୁ-ସାହିତ୍ୟିକ ଭାବରେ ନୀଳକଣ୍ଠଙ୍କର ଖ୍ୟାତି ଅନେକ। ତାଙ୍କର ସୃଷ୍ଟି ପ୍ରତିଭା ମୁଖ୍ୟତଃ ଶିକ୍ଷା ଓ ସଂସ୍କୃତି-ଧର୍ମୀ ହୋଇଥିଲେ ହେଁ ସେଥିରେ ଲୁଚି ରହିଥିଲା ଅନେକ ବିଭାବ ଓ ବିଭବ। ତାଙ୍କର ସାହିତ୍ୟ ସାଂସ୍କୃତିକ ଜୀବନ ଯାତ୍ରା ସହ ଜାତୀୟତାବାଦୀ ଚିନ୍ତାଧାରା ଥିଲା ତାଙ୍କ ଅନ୍ତରର ଭାଷା।

ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେବାରେ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଭୂମିକା ବି ଥିଲା ଖୁବ୍ ଉଲ୍ଲେଖଯୋଗ୍ୟ। ଭାରତର ସ୍ୱାଧୀନତା ଆନ୍ଦୋଳନରେ ସେ ଥିଲେ ଜଣେ ସକ୍ରିୟ ସଂଗ୍ରାମୀ ଓ ଦକ୍ଷ ସଂଗଠକ। ଏଥିପାଇଁ ସେ ତିନିଥରରେ ମୋଟ ଦୁଇବର୍ଷ ଦୁଇମାସ ଜେଲ ଜୀବନ କଟାଇଛନ୍ତି ହଜାରୀବାଗ ଜେଲରେ। ଜଣେ ସକ୍ରିୟ ସ୍ୱାଧୀନତା ସଂଗ୍ରାମୀ ଭାବରେ ସେ ଛୁଆଁ ଅଛୁଆଁ ଭେଦଭାବ ଓ ବିଭିନ୍ନ ସାମାଜିକ କୁସଂସ୍କାର ବିରୁଦ୍ଧରେ ଦୃଢ ସ୍ୱର ଉଠାଇଥିଲେ। ସେ ଜାତି-ଭେଦ ମାନୁ ନଥିଲେ। ସେ ଶାସନୀ ବ୍ରାହ୍ମଣ ଥିଲେ ବି ନିଜର ସାଇଁଙ୍ଗାକୁ 'ଦାଶ' ନ ଲେଖି 'ଦାସ' ଲେଖୁଥିଲେ। କହୁଥିଲେ ଆମେ ସମସ୍ତେ ଭଗବାନଙ୍କର ବା ସମାଜର 'ଦାସ' ଅର୍ଥାତ୍ ସେବକ।

ସେ ସମାଜର ସେବାରେ ନିଜକୁ ନିୟୋଜିତ କରି ବନବିଦ୍ୟାଳୟରୁ ସୃଷ୍ଟି କରିଛନ୍ତି ଅନେକ ସ୍ୱାଧୀନତା ସଂଗ୍ରାମୀ, ସମାଜ ସେବକ ଓ ସମାଜ ସଂସ୍କାରକ। ସେ ଦୁଇଥର 'ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ହୋଇଛନ୍ତି। ମାତ୍ର ତାଙ୍କର ସମ୍ମାନରେ ଆଞ୍ଚ ଆସିବା ଯୋଗୁଁ ସେ କଂଗ୍ରେସ ଦଳ ଛାଡ଼ିଛନ୍ତି। କାରଣ ତାଙ୍କର ଚରିତ୍ରର ଏକ ଅପରିହାର୍ଯ୍ୟ ଅଂଶ ଥିଲା ଆତ୍ମପ୍ରତିଷ୍ଠାର ସାଧନା। କୌଣସି ପରିସ୍ଥିତିରେ ନିଜ ବିବେକକୁ ବଳି ଦେଉନଥିଲେ। ୧୯୫୫ରେ ପୁଣି କଂଗ୍ରେସରେ ଯୋଗଦେଲେ। ଲୋକମାନଙ୍କର ଆକୁଳ ଆବେଦନ ତାଙ୍କୁ ବ୍ୟଥିତ କଲା। 'ସତ୍ୟବାଦୀ' ଆସନରୁ ନିର୍ବାଚନ ଲଢ଼ି ଜିତିଲେ ଓ ବାଚସ୍ପତି ନିର୍ବାଚିତ ହେଲେ। ସେ ୧୯୫୭ ମସିହା ମେ ମାସ ୨୭ ତାରିଖରୁ ଜୁଲାଇ ପହିଲା ୧୯୬୧ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ବାଚସ୍ପତି ଆସନ ଅଳଙ୍କୃତ କରିଥିଲେ।

ତାଙ୍କର ଉତ୍ସର୍ଗୀକୃତ ସେବା ଓ ସାଧନା ପାଇଁ ୧୯୫୧ରେ 'ଉତ୍କଳ ଗୁରୁ ଉପାଧି' ପ୍ରାପ୍ତ ହୋଇଥିଲେ। ତାଙ୍କର ଅଗାଧ ପାଣ୍ଡିତ୍ୟ, ସୁଚିନ୍ତିତ ବିଚାରଧାରା ଓ ଅମ୍ଳାନ ସାହିତ୍ୟ ସୃଷ୍ଟି ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଡି.ଲିଟ୍ ଉପାଧିରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲା। ସେହିପରି ତାଙ୍କର ଶିକ୍ଷା, ସାଧନା, ସମାଜସେବା ଓ ସାରସ୍ୱତ ସୃଷ୍ଟି ପାଇଁ ଭାରତ ସରକାର ତାଙ୍କୁ ୧୯୬୦ରେ 'ପଦ୍ମଭୂଷଣ' ଉପାଧିରେ ଭୂଷିତ କରିଥିଲେ। ସେହିପରି ଓଡ଼ିଶା ସାହିତ ଏକାଡେମୀ ତାଙ୍କର ଆତ୍ମଜୀବନୀ ପୁସ୍ତକ ନିମନ୍ତେ ୧୯୬୩ ମସିହାରେ ତାଙ୍କୁ ପୁରସ୍କୃତ କରିଥିଲେ। ସର୍ବପରି ଓଡ଼ିଶାର ପ୍ରତ୍ୟେକ ଓଡ଼ିଆର ଆଦର, ସ୍ନେହ, ସମ୍ମାନ ଓ ଭକ୍ତିର ପୁରସ୍କାର ଥିଲା 'ପଣ୍ଡିତ' ଉପାଧି, ଯେଉଁ ଉପାଧି ପାଇଁ ସେ ଆଜୀବନ ନିଜର ପାଣ୍ଡିତ୍ୟର ମହତ୍ତ୍ୱକୁ ବଜାଇ ରଖିଥିଲେ। ଆଖିରୁ ପୂରାପୁରି ଜ୍ୟୋତି ଲିଭିବା ପର୍ଯ୍ୟନ୍ତ ସେ ପଢୁଥିଲେ।

କଳାର ଭୂମି ଉତ୍କଳର ଧୂଳିମାଟି ହିଁ ତାଙ୍କର ସାହିତ୍ୟିକ ଓ ସେବାର ଜୀବନକୁ ପ୍ରସ୍ତୁତ କରିଥିଲା। ସେ ଉତ୍କଳ ମାଟିର ଏକ ଅମ୍ଳାନ ପ୍ରତିଭାର ବଳିଷ୍ଠ ନମୁନା। ସେଦିନ ଥିଲା ୧୯୬୭ ମସିହା ନଭେମ୍ବର ମାସ ଛଅ ତାରିଖ ସୋମବାର। ସାଧକ ନୀଳକଣ୍ଠ ସେଦିନ ସେହି ଅଫେରା ରାଇଜକୁ ଚାଲିଗଲେ। ଦେଶପ୍ରେମ, ଜାତିପ୍ରେମ ଓ ସାହିତ୍ୟ ସାଧକ ପଣ୍ଡିତ ନୀଳକଣ୍ଠଙ୍କ ମହାନ ବ୍ୟକ୍ତିତ୍ୱ ନିକଟରେ ଏ ଜାତି, ଏ ଭାଷା ଓ ଏ ମାଟି ଚିର ଋଣୀ।


ପ୍ରଜ୍ଞାନୀଡ଼
(ବସନ୍ତ ବିହାର),
ଶୋଭାରାମପୁର, ବାଲେଶ୍ୱର,
୭୫୬୦୦୧
ମୋ: ୮୮୯୫୯୮୮୮୮୪


## ନୂଆ ସରକାର ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଉପରେ ନଜର ଦେବେ କି ?



### ସୁବ୍ରତ କର

ରାଜ୍ୟରେ ଥିବା ୧୮ଟି ବିଶ୍ୱ ବିଦ୍ୟାଳୟର ଅବସ୍ଥା ଅତି ଗୁରୁତର। ଏହି ୧୮ଟି ବିଶ୍ୱ ବିଦ୍ୟାଳୟ ପାଇଁ ୧୯୧୧ଟି ଅଧ୍ୟାପକ (ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର) ପଦ ସରକାରଙ୍କ ଦ୍ୱାରା ଅନୁମୋଦିତ। ଏଥିରୁ ବର୍ତ୍ତମାନ ୭୨୪ ଜଣ କାର୍ଯ୍ୟରତ। ପ୍ରାୟ ୧୧୮୭ଟି ପଦ ଖାଲି ପଡ଼ିଛି। ଦୁଃଖର କଥା ଏହି ବିଶ୍ୱ ବିଦ୍ୟାଳୟ ମାନଙ୍କ ପାଇଁ ୨୭୪ଟି ଖାଲି ପ୍ରଫେସର ପଦ ମାତ୍ର ୪୯ ଜଣ କାର୍ଯ୍ୟରତ ଏବଂ ୨୨୫ଟି ପଦ ଖାଲି ପଡ଼ିଛି। ବିନା ପ୍ରଫେସରରେ ଗୁଣାତ୍ମକ ଶିକ୍ଷା ଅସମ୍ଭବ। ନିୟମନୁସାରେ ଜଣେ ପ୍ରଫେସରଙ୍କ ପାଖରେ ୮ଜଣ ପିଲା ପିଏଚ୍‌ଡି କରିବା କଥା ଏବଂ ସେହିପରି ଏସୋସିଏଟଙ୍କ ପାଖରେ ୬ଜଣ ଆଉ ଏସିଷ୍ଟାଣ୍ଡ ପ୍ରଫେସରଙ୍କ ପାଖରେ ୪ଜଣ ଗବେଷଣା କରିବା କଥା। ଏହିଥିରୁ ହିସାବ କରିଲେ ଜଣାପଡ଼ିବ ସାଧାରଣ ଭାବରେ ୧୧୮୭ ପୋଷ୍ଟ ଖାଲିକୁ ଭରଣା କରି ପାରିଲେ ପ୍ରାୟ ୭୦୦୦ ପିଲା ପି.ଏଚ.ଡି କରିବାର ସୁଯୋଗ ପାଇ ପାରିଥାଆନ୍ତେ। ଆମ ରାଜ୍ୟରେ ଲୋକଙ୍କର ଅଭାବ ନାହିଁ କିନ୍ତୁ ଅଭାବ ରହିଛି ଇଚ୍ଛାଶକ୍ତିରର। ଏହି ଖାଲି ଥିବା ପୋଷ୍ଟ ଗୁଡ଼ିକ ଭରଣ ସମ୍ଭବ ହୋଇ ପାରୁ ନାହିଁ। ଏହାର ମୂଳ କାରଣ ହେଲା ୟୁଜିସି ପକ୍ଷରୁ ସୁପ୍ରିମ କୋର୍ଟରେ ମାମଲା ରୁଜୁ ହୋଇଛି। ଆମ ସରକାର ୟୁଜିସି ଘାଇଲାଇନ୍‌କୁ ଉଲଂଘନ କରିଲେ ଓ ସିଏସସି ହସ୍ତାନ୍ତର କରି। ଏହି ମାମଲା ଗତ ଦୁଇବର୍ଷ ହେଲା ଚାଲିଛି କିନ୍ତୁ ସରକାରଙ୍କ ତରଫରୁ କୌଣସି ପ୍ରକାରର ଚେଷ୍ଟା ନାହିଁ ଏହାକୁ ସମାଧାନ କରିବା ପାଇଁ। ଏମିତି ଯଦି ଆଉ କିଛି ବର୍ଷ ଚାଲିବ। ତେବେ ରାଜ୍ୟରେ ଥିବା ୧୯୧୧ଟି ପ୍ରଫେସର ପଦ ସମ୍ପୂର୍ଣ୍ଣ ଖାଲି ପଡ଼ିବ ଏବଂ ରାଜ୍ୟର ସମସ୍ତ ପିଲା ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବେ ଏବଂ ତା ସହିତ ନ ଚାଲୁଥିବା ଗବେଷଣା ମଧ୍ୟ ଭୁଷୁଡ଼ି ପଡ଼ିବ। ପିଲାମାନେ ବାଧ ହୋଇ ରାଜ୍ୟ ବାହାରକୁ ଯିବେ। ଯେକୌଣସି ବିଶ୍ୱ ବିଦ୍ୟାଳୟକୁ ର୍ୟାଙ୍କ ପାଇବାକୁ ହେଲେ ମୂଳ ହେଉଛି ଗୋଟାଏ ବିଶ୍ୱ ବିଦ୍ୟାଳୟରେ ଥିବା ପ୍ରଫେସର ପୋଷ୍ଟ ଗୁଡ଼ିକର ସମସ୍ତେ ଅଛନ୍ତି କି ନାହିଁ। ଗୋଟାଏ ଶିକ୍ଷାନୁଷ୍ଠାନର ତାର ପାଠପଢ଼ା ଏବଂ ଫଳାଫଳ ନିର୍ଭର କରେ ଶିକ୍ଷକମାନଙ୍କ ଉପରେ ଏବଂ ସେ ଅନୁଷ୍ଠାନରେ କେତେ ପ୍ରକାରର ସୁବିଧା ସୁଯୋଗ ପିଲାମାନଙ୍କ ପାଇଁ ରହିଛି।

> ରାଜ୍ୟରେ ଥିବା ୧୯୧୧ଟି ପ୍ରଫେସର ପଦ ସମ୍ପୂର୍ଣ୍ଣ ଖାଲି ପଡ଼ିବ ଏବଂ ରାଜ୍ୟର ସମସ୍ତ ପିଲା ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବେ ଏବଂ ତା ସହିତ ନ ଚାଲୁଥିବା ଗବେଷଣା ମଧ୍ୟ ଭୁଷୁଡ଼ି ପଡ଼ିବ। ପିଲାମାନେ ବାଧ ହୋଇ ରାଜ୍ୟ ବାହାରକୁ ଯିବେ। ଯେକୌଣସି ବିଶ୍ୱ ବିଦ୍ୟାଳୟକୁ ର୍ୟାଙ୍କ ପାଇବାକୁ ହେଲେ ମୂଳ ହେଉଛି ଗୋଟାଏ ବିଶ୍ୱ ବିଦ୍ୟାଳୟରେ ଥିବା ପ୍ରଫେସର ପୋଷ୍ଟ ଗୁଡ଼ିକର ସମସ୍ତେ ଅଛନ୍ତି କି ନାହିଁ। ଗୋଟାଏ ଶିକ୍ଷାନୁଷ୍ଠାନର ତାର ପାଠପଢ଼ା ଏବଂ ଫଳାଫଳ ନିର୍ଭର କରେ ଶିକ୍ଷକମାନଙ୍କ ଉପରେ ଏବଂ ସେ ଅନୁଷ୍ଠାନରେ କେତେ ପ୍ରକାରର ସୁବିଧା ସୁଯୋଗ ପିଲାମାନଙ୍କ ପାଇଁ ରହିଛି।

ଠିକ୍ ଏହିଭଳି ସମାନ ଅବସ୍ଥା ଆମ ରାଜ୍ୟରେ ଥିବା ୧୩ଟି ମେଡିକାଲ କଲେଜର। ଏଥିରେ ୩୨୪୨ଟି ପଦବି ଥିବା ବେଳେ ୨୨୬୯ଟି ପଦବୀରେ ଲୋକ ଅଛନ୍ତି। ୯୭୩ଟି ପଦ ଖାଲି ପଡ଼ିଛି। ଏହା ମଧ୍ୟ କେବେ ପୁରଣ ହେବ କହି ହେବ ନାହିଁ। ଏପରି ଅବସ୍ଥାରେ ଆମ ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ଏ ବିଷୟରେ ନୂଆ ସରକାରଙ୍କ ନୂଆ ମନ୍ତ୍ରୀଙ୍କୁ ଜଣା ଅଛି କି ନାହିଁ ସେ ବିଷୟରେ କେହି କିଛି କହି ପାରିବେ ନାହିଁ। ଏପରି ଅବସ୍ଥାରେ ଆମ ରାଜ୍ୟର ପିଲାମାନେ ଅନ୍ୟ ରାଜ୍ୟ ସହିତ ପ୍ରତିଯୋଗିତା କରି ପାରିବେ ତ ? ମୋର କହିବା କଥା ସରକାରଙ୍କ କୌଣସି ଅଧିକାର ନାହିଁ ପିଲାମାନଙ୍କ ଭବିଷ୍ୟତକୁ ନଷ୍ଟ କରିବାର କାରଣ ଏବେ ଅନେକ ପିଲା ରାଜ୍ୟ ବାହାରକୁ ଏବଂ ବିଦେଶରେ ପାଠ ପଢ଼ିବା ପାଇଁ ପ୍ରସ୍ତୁତ ହେଉଛନ୍ତି ଏବଂ ନିଶ୍ଚିତ ନିଜ ରାଜ୍ୟ ଛାଡ଼ିବାକୁ ବାଧ ହେବେ।




### ଏମିତି କାହିଁକି ହେଲା ?

**ନିରଞ୍ଜନ ସାହୁ**

ଜୀବନରେ କରିନାହିଁ ମୁହିଁ କେବେ
ସାଧୁସନ୍ଥ ପରି ତପ
ସଂସାର ଜଞ୍ଜାଳେ ଉବୁଟୁବୁ ହୋଇ
କରିନାହିଁ ନାମ ଜପ।

ଆଧ୍ୟାତ୍ମିକ ମାର୍ଗେ ଦେଇନାହିଁ ପାଦ
ସଂସାର ମଣିଛି ସତ
ଆୟୁଷ ମଧ୍ୟରୁ ଅନେକ ସମୟ
ହୋଇଗଲାଣି ତ ଗତ
ଜୀବନ ଦୀପରୁ ତେଲ ସରିଆସେ
ଦୀପ ଜଳେ ଦପଦପ।

ଧନ ଅରଜନେ ସମୟ ଦେଇଛି
କରିନି ଜୀବନେ ଧର୍ମ
ଜୀବନ ଦର୍ଶନ କଦାପି ଜାଣିନି
କେବେ ବୁଝିବି ତା ମର୍ମ
ମନଖୋଲି କେବେ
କା 'ଆଗେ କହିନି
ଜୀବନ ଗୋପନ ଗପ।

ଥୁଣ୍ଟା ବରଗଛ ହୋଇ ସାରିଲିଣି
ତଥାପି ତୁଟିନି ମୋହ
ଜୀବନେ କଦାପି ବୁଝିନାହିଁ ମୁହିଁ
କାହା ଅନ୍ତରର କୋହ
ଏ ନୟନୁ କେବେ କା ' ପାଇଁ ଝରିନି
ଲୁହ ବିନ୍ଦୁ ଥପଥପ।

ପଛକୁ ଫେରିକି ଚାହିଁବା ବେଳକୁ
ଆଖି ଆଉ ପାଉନାହିଁ
ଆଗକୁ କିଛି ମୁଁ କରିବି ଭାବୁଛି
ସମୟ ଆଉ ବା କାହିଁ
ସଭିଏଁ ଅରାଜି ମୋ ସାଥିରେ ଆଜି
କରିବାକୁ ଗପସପ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩


### ରାତି ପାଇଁ ସାଥିଟିଏ

**ସିଦ୍ଧେଶ୍ୱର ତ୍ରିପାଠୀ**

ଯଉବନର ଏ ଉତ୍ତାଳ ତରଙ୍ଗ
ସହଜେକି ସହି ହୁଏ
ଏ ବିଭୋର ବେଳା ଖୋଜୁଥାଏ ନିତି
ରାତି ପାଇଁ ସାଥିଟିଏ।

ଗାଢ଼ ଆଲିଙ୍ଗନ ନିବିଡ଼ ବନ୍ଧନ
ଅଧର ଅମୃତ ରସ
ଦେହ ଖୋଜୁଥାଏ ଦେହର ପରଶ
ମନେ ବଢୁଥାଏ ଶୋଷ।

ଅନତି ଦୂରରେ ସପନ ସଜେଇ
ଜଣେ ହାତ ଠାରୁ ଥାଏ
ଏ ବିଭୋର ବେଳା ଖୋଜୁଥାଏ ନିତି
ରାତି ପାଇଁ ସାଥିଟିଏ।

ତାଳୁଠୁ ତଳିପା ଶିହରଣ ଖେଳେ
ଗୋଟେ ଭାବନାରେ ଯାର
ତା ହାତ ପରଶ ବାଜିଲେ ଏ ଦେହେ
ବହିବ ପ୍ରୀତିର ଝର।

ସେ ସମୟ ଯେବେ ଉପନୀତ ହେବ
ସାଜିବ ସ୍ମୃତିରୁ ଖିଏ
ଏ ବିଭୋର ବେଳା ଖୋଜୁଥାଏ ନିତି
ରାତି ପାଇଁ ସାଥିଟିଏ।

+ଖୋର୍ଦ୍ଧା

### ଭୋଳାନାଥ ନମଃ ନମଃ...

**ରାମଚନ୍ଦ୍ର ବେହେରା**

ମହା ଶିରାବଣ ଆସିଛି ମରତେ
ଧରମ ଭାବନା ନେଇ
ଶିବାଳୟ ଦିଶେ ଗହଳି ଚହଳି
ଶିବ ଦରଶନ ପାଇଁ।

ଧର୍ମ ମାସ ବୋଲି ଜଗତେ ବିଖ୍ୟାତ
ପୂଜା ପାଆନ୍ତି ମହେଶ
ସତ୍ୟନିଷ୍ଠ ଚିତ୍ତେ କାଉଡିଆ ଭାଇ
ପାଳିଥାଏ ଶିବ ବ୍ରତ।

ସାତ ଡୁବ ମାରି ପବିତ୍ର ନଦୀରେ
ନିଏ ଶମ୍ଭୁନାଥ ନାମ
କଳସୀରେ ଭରି ପବିତ୍ର ଜଳକୁ
ସଜାଏ ପୁଷ୍ପ ଚନ୍ଦନ।

ପିନ୍ଧି ଗେରୁବସ୍ତ୍ର ଚାଲେ କାନ୍ଧେ ଧରି
ପୂଣ୍ୟ ତରଂଗିଣୀ ନୀର
ଶୁଭ ସୋମବାରେ ଜଳଦାନ କରି
ମାଗଇ ଆଶିଷ ବର।

ଜଳଦାନ ଅନ୍ତେ ପୁଷ୍ପ ବେଲପତ୍ର
ଚଢ଼ାଏ ସରାଗେ ଅତି
ଭକତଂକ କ୍ଲେଶ ଲାଘବ କରନ୍ତି
କୃପା ଢାଳି ଉମାପତି।
ଦେବଂକର ଦେବ ପ୍ରଭୁ ମହାଦେବ
ସୋମେଶ୍ୱର କୃପାନିଧି
ଜଗତ କଲ୍ୟାଣେ ପ୍ରଭୁ ରକ୍ଷାକର୍ତ୍ତା
ବାଣ୍ଟନ୍ତି ସୁଖ ସମୃଦ୍ଧି।

ଆସ ପୂଣ୍ୟ ମାସେ ଭକ୍ତିରେ ଗାଇବା
ଭୋଳାନାଥ ନମଃ ନମଃ
ପ୍ରଭୁ ବ୍ୟୋମକେଶ କରିଦେବେ ଭସ୍ମ
ବିଷାଦ ପରାଣୁ ଆମ।

ପ୍ରଭୁ ସମ୍ଭୁନାଥ ହୋଇ ଆନନ୍ଦିତ
ଆମକୁ ନେବେ କୋଳେଇ
ଯେତେ ଦୁଃଖ ଥିବ ହରିନେବେ ନାଥ
ପ୍ରାର୍ଥନାରେ ପ୍ରୀତ ହୋଇ।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ବେଳେ ବେଳେ ମୁଁ ଭାବେ

### ଗିରିଜା ଶଂକର ଶର୍ମା



ଘନ ଜଙ୍ଗଲରେ ଗଛଟିଏ ହୋଇ
କେଉଁଠି ହଜିଯିବି ।
କେହି ପାଇବେନି ମୋର ଠିକଣା ।
ତା' ବି କରି ପାରେନା ।
ଜଙ୍ଗଲ କାଟି ଆମେ ସଫଳ କଲାବେଳେ
ଡର ଲାଗେ ଗଛ ହୋଇ ଜିଇଁବାକୁ
ଆଜିର ଦୁନିଆରେ
ମୁଁ ହରେଇ ଦେଇଛି ଉଦାରତା
କେବଳ ନିଜ ପାଇଁ ବଂଚୁଥିବା
ସ୍ୱାର୍ଥପର ମଣିଷଟିଏ ମୁଁ ।

ମଣିଷ ହେବାକୁ ବି ଡରଲାଗେ
ମୋତେ ବେଢ଼ି ଥାଏ ମୋର ଅହଂ

'ମୁଁ' ଆଉ 'ମୋର' ଭିତରେ
ବନ୍ଧା ପଡ଼ିଥାଏ ମୋର ମଣିଷତ୍ୱ ।
ଦୟା କ୍ଷମା ଦାନ ଧର୍ମ
ସବୁତ ଦୂର ପାହାଡ଼
ମୁଁ ସେମାନଙ୍କ ପାଖ ବି ମାଡ଼େନା,
ସେ ସବୁଠୁ ଦୂରରେ ଥିଲେ
ମୁଁ ସୁରକ୍ଷିତ ।

ଏବେ ମୋ ପରି ଲୋକମାନେ
ବ୍ୟାପି ଗଲେଣି ସମାଜ ଭିତରେ ।

ମୁଁ ଏକା ହୋଇ ନାହିଁ ।
କଳେବର ମଣିଷ ପରି ହେଲେ ମଧ
ଆମେ ଭିନ୍ନ ଏକ ପ୍ରଜାତିର ।
ଆସ ଖୋଜିବା ଆମ ଇତିହାସ
ଖୋଜିବା ନିଜ ପରିଚୟ
କେଉଁଠି ହଜେଇ ଦେଲେ ଆମେ
ମଣିଷ ପଣିଆ ।
ଆଉ କେତେଦିନ ଅମଣିଷ ହେବା ଯେ ?
ଆସ ଆରମ୍ଭ କରିବା
ପୁଣିଥରେ ମଣିଷ ହେବା ପାଇଁ
ସବୁ ମାନବୀୟ ଗୁଣାବଳୀ ନେଇ
ସମସ୍ତଙ୍କ ଭଲ ପାଇବା
ସମସ୍ତଙ୍କ ସୁଖ ଦୁଃଖ ହସ ଖୁସିରେ
ଭାଗୀଦାର ହେବା ।
ମଣିଷ ହେବା, ମଣିଷଙ୍କ ପରି ବଂଚିବା ।


♥ଧନକଉଡ଼ା,
ସଂବଲପୁର-୭୬୮୦୦୬


## ଅଳସୀ ଜହ୍ନର ଗାଆଁ

### ପ୍ରଶାନ୍ତ କୁମାର ଦାଶ



ତା ନଈତୁଠ ତମାଳ ପାଟ
ବରଗଛର ଛାଇ
ସୁନ୍ଦର ଦିଶେ ଗୋଠବାହୁଡ଼ା
ଛେଳି ମଇଁଷି ଗାଈ ।।

ଭାଇଚାରାର ଭାବନା ସେଠି
ହୋଇଚି ଭରପୂର
ସୁଖ ଶାନ୍ତିର ସରଗ ସେତ
ସହରଠାରୁ ଦୂର ।।

ପୂଜା ପରବ ପୁନେଇଁ ତିଥି
ସୁଖରେ ସେଠି କଟେ
ପାହିବା ଆଗୁ ଅଳସୀ ରାତି
ସଜ କୁସୁମ ଫୁଟେ ।।

ରହିଚି ତାର କୋଳରେ ଗଛ
ଯୋଗାଏ ଫୁଲ ଫଳ
ତା କ୍ଷେତ ସୁନା ଫସଲ ଦେହେ
ଭରିଦିଏରେ ବଳ ।।

କାରଖାନାର ଧୂଳି ଧୂଆଁ ତ
ବାଜେନି ତାର ଦେହେ
ସାରା ଜୀବନ ଜଡାଇ ଧରେ
ଛାତିରେ ତାର ସ୍ନେହେ ।।

ବିଦେଶେ ଥାଇ ତାକୁ ଝୁରଇ
ପାଠପଢ଼ୁଆ ପୁଅ
ଆଖିରେ ତାର ଛବି ନାଚିଲେ
ଝରି ପଡଇ ଲୁହ ।।

ଅଳସୀ ଜହ୍ନ ଉଇଁଲେ ସଞ୍ଜେ
ଗାଆଁତ ଝଲ ମଲ
ତା ଦେହେ ଭରା ମଧୁର ଜଳ
ଦରବ ଭଲ ଭଲ ।।

ସୂରୁଜ ଖରା ଜହ୍ନ ଜୋଛନା
ଯହିଁ ବରଷା ଖସେ
ସଭିଙ୍କୁ କରି ଅତି ନିଜର
ଆଆଁମାଟି ଯେ ହସେ ।।


♥କୁଞ୍ଜର, ସଙ୍ଗଳାଇ
ପିପିଲି ପୁରୀ
ମୋ:୯୬୬୮୮୨୨୧୯୦


## ଜହ୍ନ ନଥିବା ଆକାଶ

### ଐଶ୍ୱର୍ଯ୍ୟା ପ୍ରଧାନ



କେତେ ଯେ ସମୟର ଅନ୍ତରାଳେ
ତୁମେ ଆସ
ତୁମ ଅପେକ୍ଷାରେ ମୁଁ ଚାତକୀ ପାଲଟିଯାଏ
ନିରସ ଜୀବନ, ନିରବ ଓଠ
ଆଉ
ହୃଦୟଟା ଲାଗେ ସ୍ପନ୍ଦନହୀନ !!

ଯେବେ ଖବର ଦିଅ ଆସିବ ବୋଲି
ଆହାଃ !
କେମିତି ବ୍ୟାଖ୍ୟା କରିବି
ମୋ ମନ ମସ୍‌ଗୁଲ କେବଳ
ତୁମରି ମିଠା ସ୍ମୃତିରେ
ଯେବେ ଆସ,
ସାଙ୍ଗରେ ଆଣି ଥାଅ
ପ୍ରୀତିର ଉଷ୍ଣ ଚୁମ୍ବନ
ମୋ ନିରସ ଜୀବନଟା ଭରି ଉଠେ
ତୁମ ପ୍ରେମ ବର୍ଷାରେ

ସତେ କି ପତ୍ରଝଡା ଦେଇଥିବା ବୃକ୍ଷ
ଭରି ଉଠିଛି ସବୁଜିମାରେ
ନବ କଳେବର ଧାରଣ କରିଛି ଯେମିତି
ପଲ୍ଲବିତ ଦେହ ଆଉ ପୁଲକିତ ମନ !!

ପୁଣି ଯେବେ ଫେରିଯାଅ
ଲାଗେ,
ଚାରିଆଡ଼େ ମରୁଭୂମିର ସମ୍ଭାର
ବାଲକୋନୀର ଫୁଲ ସବୁ ରଙ୍ଗହୀନ
ଆଉ ଗନ୍ଧହୀନ
ତା ରଙ୍ଗ ଆଉ ମହକକୁ
କିଏ ଯେମିତି ? ଚୋରେଇ ନେଇଛି
ଆଖିରୁ ଝରେ ଲୋତକ ବନ୍ୟା

ତୁମ ଯିବା ପଥକୁ ସେ ପର୍ଯ୍ୟନ୍ତ ଚାହିଁରହେ
ଯେ ପର୍ଯ୍ୟନ୍ତ ତୁମ ଛାଇ ମୋ ଆଖିରୁ
ଅଦୃଶ୍ୟ ନ ହୋଇଛି !!

ସତରେ ଖୁବ୍ ମନେପଡ଼େ
ଆମେ ଦୁହେଁ ବସଷ୍ଟାଣ୍ଡରେ ଚାହା
ପିଇବା ବେଳ
ତେଲନଦୀ ବ୍ରିଜରେ ଘଣ୍ଟା ଘଣ୍ଟା ବସି
ଗପିବାର ସମୟ
ଆଉ ଫୁର୍ଲି ଝରଣର ଜଙ୍ଗଲି
ରାସ୍ତାରେ ଲଙ୍ଗ୍ ଡ୍ରାଇଭ୍
ତୁମ ଅନୁପସ୍ଥିତିରେ
ଭାରି ଏକା ଏକା ଲାଗେ
ଘରଟା ବି ଖାଁ ଖାଁ
ତୁମେ ନଥିବା ବେଳରେ
ସତରେ
ମୁଁ ଜହ୍ନ ନ ଥିବା ଗୋଟେ ଆକାଶ !


♥ପୋଷ୍ଟାଲ୍ କଲୋନୀ,ଶ୍ରୀ ନଗର,
ଭବାନୀପାଟଣା, କଳାହାଣ୍ଡି


## ଓ୍ୱାୟନାଡ୍

### ନୀଳମଣି ଚାନ୍ଦ



ଭୂସ୍ଖଳନରେ
ଧସେଇ ପଡିଲା ମାଟି
ବଲ ବଲ ଚାହିଁଛି ପାହାଡ଼
କୁଆଡ଼େ ଗଲା ସେ ପରିଚିତ
ବାସଗୃହ, ପାଦପ
ଅଙ୍କାବଙ୍କା ରାସ୍ତା ?
କଣ ହୋଇଗଲା ଓ୍ୱାୟନାଡ୍ ।

ଖୁବ୍ କସରତ କରିଥିବା ନଇ ମାନଙ୍କୁ
ହୋୟାଂହୋ ଅଥବା ବ୍ରହ୍ମପୁତ୍ର
କୁହାଯାଇପାରେ
ଯିଏ ଏଠି ଦୁଃଖର ମୀନାର ଗଢିଲେ
ଲୁହରେ ବତୁରେଇ ଦେଲେ
ଆଖି,ମନ ଓ ହୃଦୟ

ଏବେ ବି ଜୀବନ ଖୋଜା ଚାଲିଛି
ମାଟିର ଖୁବ୍ ତଳେ।

ବୋମା ନ ପଡ଼ି ବି ଭଗ୍ନାବଶେଷ
କେତେ ଭୟାବହତା
ସବୁ କାଲି ଇତିହାସ ହୋଇଯିବ
ଚଳଚଞ୍ଚଳ ହୋଇଯିବ କେରଳ
ହେଲେ ଏ ଭୂସ୍ଖଳନକୁ ଭୁଲିବାକୁ
ଲାଗିଯିବ ଅନେକ ବର୍ଷ।


♥ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭




## ଜନସେବାହି କେବଳମ୍

### ଯୋଗେଶ ଦାସ

ପୁଷ୍କରିଣୀର ଅଦୂର
ସେଇ ଝଙ୍କାଳିଆ ଗଛଟି ଉପରେ
ଆଉ ଗୋଟିଏ ପୁଷ୍କରିଣୀ !
ଏକଥାର ତର୍ଜମା ବେଳକୁ
ସେମାନଙ୍କ ହାଡ଼ ଗୋଡ଼
କୁଢେଇ ପଡିଥାଏ
ଗଛଟି ମୂଳରେ

ଆସନ୍ନ ମରଣ ମୁହଁରୁ
ରକ୍ଷା ପାଇଯିବେ
ମାଛ ଓ କଙ୍କଡାମାନେ
ଏକ ପରେ ଏକ
ଉଦ୍ଧାର କରିଚାଲିଛି
ଶୁଭାକାଂକ୍ଷୀ ବଗ
ତା'ର ବିଚିତ୍ର ବୁଦ୍ଧି ବଳରେ ।

ଆପଣା ବୁଦ୍ଧିବଳରେ
ପ୍ରତିଟି ଜାନୁଆରହିଁ
ଜନତାର ନେତା

ପ୍ରତିଟି ନେତା ହିଁ
ଜନତାର ଜନାର୍ଦ୍ଦନ
ଗତି ମୁକ୍ତି ଦାତା !!


♥ଶୂନ୍ୟନୀଡ଼, ସୋର,ବାଲେଶ୍ୱର
ମୋ:୮୨ ୬୦ ୬୯୭୮୭୮


## ନଈବଢି

### ସୁଜିତ କୁମାର ମିଶ୍ର



ଦୁଇ କୂଳ ଲଘିଁ ଦୁଃଖ ଆଗମନ ଦରଦୀ ବନ୍ଧକୁ ଭେଦି,
ନୀରବତା ହାୟ ହତାଶା ଲୁହରେ ନିମିଷେ ନଜରବନ୍ଦୀ।
ସଞ୍ଚିତ ସୁଖରେ ଲାଗିଯାଏ ନିଆଁ ସ୍ନିଗ୍ଧ ଭାବ ଟଳମଳ,
ଫୁଲିଲା ନଈର ଛୁଆଁରେ ଜୀବନ ପରୀକ୍ଷାର କ୍ରୁର କାଳ।

ହିସାବନିକାଶ ଓଲଟପାଲଟ ହୃଦୟ ଅନ୍ଧାର ରାତି,
ବଢୁଥାଏ ଯେତେ ଛିଡୁଥାଏ ସେତେ ଭାବର ଆୟୁଷ ଗତି।
ଯେଉଁଠି ଲୋତକ ଧ୍ୱଂସ କରୁଥାଏ ଜହ୍ନରାତି ଫଗୁଣର,
ଚୂଡା ଚାଉଳର ଶାନ୍ତ୍ୱନା ମୁଠାଏ ହୋଇଛି କି ଚିତ୍ତଚୋର ?

କୋମଳ ମଣିଷ ଶୋକ ଗୀତି ଗାଏ କେରଳ କାରୁଣ୍ୟ ସୁରେ,
ପାଖୁଡା ପାଖୁଡା ସବୁଜିମା ଝରେ ଫୁଲଫୁଟା ସହରରେ।
ପ୍ରକୃତି ଦ୍ରୋହର ମରଣ ଆତଙ୍କ ପ୍ରବଣର ନଈବଢି,
ଗୋପନ ଆଶାକୁ ଧୋଇ ନେଉଥାଏ ଗୁରୁ ଗରଜନ ରଡି ।

ପ୍ରଳୟ ପରେ ସେ ପଟୁମାଟି କଣ ପାର୍ବଣର ପଟୁଆର ?
ମନ ବସନ୍ତର ନୀଳଚିଠି ଯେବେ ନିରୁଦ୍ଦିଷ୍ଟ ନିରନ୍ତର।


♥ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ:୭୬୮୩୮୬୭୭୪୨


## କାମ ବାଲି

### କ୍ଷଣପ୍ରଭା ମହାନ୍ତି

ମୁଁ ତାକୁ ନିତି ଭେଟିଥାଏ ଗୋଟେ
ସୁନ୍ଦର ସକାଳ ରେ ହେଲେ ସେ
ହଜିଯାଏ ତା କର୍ତ୍ତବ୍ୟ ବୋଧ ଭିତରେ ।
ତା ପୃଥିବୀର ପରିସୀମା ସୀମିତ, ସେ
ଦୁଃଖକୁ ଓଟ ପରି ପିଠିରେ ଲଦି
ଅତିକ୍ରମୁଥାଏ ତା ଗନ୍ତବ୍ୟ ପଥ ।
ତା ମାଲିକାଣୀର ନାଲି ଆଖି ଭିତରେ
ତାକୁ ଦେଖାଯାଏ ତା ଭୋକିଲା ସଂସାର,
କେମିତି ସେ ନିତି ଛାଡ଼ି ଆସେ ତା ରୋଗଣା
ପିଲାର କଙ୍କାଳ ସାର ଶରୀର।
ଦୁଇଖଣ୍ଡ ବାସି ରୁଟି କାନି ପଣତରେ
ଦିଏ ସେ ସାଇତି, ତା ପାଇଁ ତ ସକଳ
ସମ୍ପତି। ଜୀବନ ଜିଇଁ ବା କଳା ଏ ସଂସାର
କଣ ତା ଠୁ ଶିଖିଚି ।

ତା ପରିସୀମା ଭିତରେ ସେ ଆଙ୍କି ଚାଲେ
ଜୀବନର ଚିତ୍ର, ସମସ୍ତଙ୍କ ଅଣଦେଖା
ନଜର ରେ ବିଲାପି ଉଠେ ତା ହତଭାଗ୍ୟ
ମାତୃତ୍ୱ ।
ଏବେ ଏବେ ତା ପୈତୃକ ନାମଟି
ବଦଳି ଯାଇଚି, କାମବାଲୀର ପରିଚୟ
ନେଇ ସେ ଜୀବନ ଯିଉଁଚି ।
ସେ ଥକି ପଡ଼ିଲେ ବଦଳି ଯାଏ
ତା ମାଲିକାଣୀର ପ୍ରକୃତି, ସେ ପାଲଟି ଯାଏ
ସେଇଠି ଗୋଟେ ରକ୍ତ, ମାଂସ ହିନ
ପାଷାଣ ମୂର୍ତ୍ତୀ ।

ବଞ୍ଚିବାର ଜୀବନ ସଂଗ୍ରାମ ଭିତରେ
ସେ ପାଲଟି ଯାଇଛି କାମ ବାଲି
ନିଜ ପରିଚୟ ଭୁଲି ।


♥ନୀଳାଦ୍ରି ନଗର, ଖଣ୍ଡଗିରି


## ଅର୍ଥାର୍ଥୀ

### ଅନସୂୟା ପଣ୍ଡା



ଅର୍ଥ ଥିଲେ ଅନ୍ଧାରରେ ସୂର୍ଯ୍ୟ ସ୍ନାନ
ଅବେଳରେ ତିଥିମାନଙ୍କର ବିଚରଣ
ଗୋଲାପି ରଙ୍ଗରେ ମେଖଡ଼ି ତର୍ପଣ
ପ୍ରତିଷ୍ଠା ପ୍ରତିପତ୍ତିର ଅନୃତ ସମ୍ମାନ
କିଣା ଯାଇପାରେ ସବୁ ମୂଲ୍ୟବାନ।

ଅର୍ଥ ଥିଲେ ମୁକୁଳେ ସମ୍ଭାବନା ଓ ସ୍ୱପ୍ନ
କଳ୍ପନାର ବାସ୍ତବ ଉତ୍ତରଣ
ଆବେଗର ମୁଗ୍ଧ ଆମନ୍ତ୍ରଣ

ବିଳାସ ବିମଣ୍ଡିତ ମୋହ ସମାଛନ୍ନ
ମୁହୂର୍ତ୍ତମାନଙ୍କର ଶୁଭ ଆଗମନ।

ବିନା ଅର୍ଥରେ ଅଣନିଃଶ୍ୱାସୀ ଜୀବନ
ସବୁରତୁ ଏକାପରି ଯାତନା ଦହନ

ପରିବାଦ ଅଭାବର ଉଲୁଗୁଣା
ଅଣଚଉଡା ଚୂର୍ଣିତ ସବୁ କାମନା
ଏଇଠି ବୋଧେ ହୁଏ ବାଟବଣା
ଦାଦନର ଅବସ୍ଥାନ୍ତର ଠିକଣା।

ସ୍ୱପ୍ନ ଦେଖିବାକୁ ମନା ବିନା ଅର୍ଥରେ
ଅଧିଶ୍ରାନ୍ତ ଅଭାବର ଉହାଡରେ
ସଙ୍ଘର୍ଷ ପ୍ରତାରଣାର ଛାଇ ଆଲୁଅରେ
ମଣିଷ ଘୁଷୁରେ ସନ୍ଧିରେ ଦୟାରେ
ବଳକା ବୟସର ଶରଶଯ୍ୟାରେ।


♥ବୁର୍ଲା, ସମ୍ବଲପୁର,
ମୋ:୯୪୩୯୨୧୧୯୭୧


## ବୋକି ଝିଅ

### ସୁଚରିତା ମହାନ୍ତି



ଭଲପାଇବାର ବିଶ୍ୱାସଟେ କାହିଁକି ତା'
ମୁଣ୍ଡରେ ବସା ବାନ୍ଧେ କେଜାଣି
ଅନ୍ଧ ଭଳି ଭଲପାଇ ବସେ ।
କିଛି ବୁଝିବା ଆଗରୁ
ତା' ଫୁଙ୍ଗୁଳା ଦେହଟା ନର ରାକ୍ଷସଙ୍କୁ
ମହମହ ବାସେ ।
ଝୁଣିଝାଣି ଚାଟିଚୁଟି ସଫାକରି ଦିଅନ୍ତି
ଚିତା ପରି ନିମିଷେକ ଭିତରେ ।

କାହାର ପଦିଏ ମିଠା କଥା ଶୁଣିଲେ
ବୋକି ଝିଅ ବୁଝିପାରେନି
ଛଳନା ର ମନ୍ତ୍ର ଗୁଡ଼ିକ ଯେ ଏତେ ନିଷ୍ଠୁର

ସେ ତା' ଅଜାଣତେ ପାପ କରି ବସେ,

ସମାଜ ଟା ତାକୁ କଳଙ୍କିତ କରିବାକୁ
କେବେ ପଛାଏନା
ତଥାପି ତ ବାଟ ଶେଷ କରିବାକୁ ଥାଏ ବୋଲି
ଚାଲୁଥାଏ ରକ୍ତ ଜୁଡୁବୁଡୁ ପାଦ ଥାପି ଥାପି।

କେଜାଣି ବୋକି ଝିଅ ଆଉ କେବେ
ଚାଲାକ୍ ହେବ

କୃକଳାଶ ମାନଙ୍କୁ
ତୁଣ୍ଡ ଖୋଲି କହିବ
ଛୁଅଁନି ମୋତେ
ତମ ପାପ ଭାର ମୁଣ୍ଡେଇବାକୁ
ମୋର ତିଳେ ଇଛା ନାହିଁ
ମୁଁ ବଞ୍ଚିବାକୁ ଚାହେଁ
ମୋତେ ବଞ୍ଚିବାକୁ ଦିଅ।

ଯଦି ପାରୁଚ ପବିତ୍ର ମନ୍ତ୍ର ଉଚ୍ଚାରଣ କରି
ମୋତେ ମୁକ୍ତ କରିଦିଅ
ମୁଁ 'ଝିଅ'
ମୋତେ ଝିଅ ହୋଇ ରହିବାକୁ ଦିଅ ।


♥ମାହାଙ୍ଗା, କଟକ
ମୋ:୮୯୧୭୫୭୧୨୦୨


## ବଦଳିଛି

### ଗଜାନନ ମିଶ୍ର

ପଥ, ପଥର, ପଂଜୁରୀ,
ସମୟ, ସୌରଭ, ସୃଷ୍ଟି,
ବଦଳିଛି ସବୁକିଛି।

ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ,
ଆଉ ଆଉ ସବୁ କୋଣ,
ବଦଳିଛିରେ ବଦଳିଛି
ଧନ, ମନ, ଉଦୟନ
ଆଉ ସବୁ ସବୁ ଅନୁପମ।

ବଦଳୁଥିବାବେଳେ ମୋ ଆଗରେ
ଦେଖୁଛି ମୁଁ ନୂତନ ଆହ୍ୱାନ,
ମୋ ଆଗରେ ଜାତିର ନିର୍ମାଣ।

ନାହିଁ ମୋର କ୍ଳାନ୍ତି,
ନାହିଁ ମୋର ଭ୍ରାନ୍ତି,
ମୁଁ ଇ କ୍ରାନ୍ତି।
ଯାଉଛି ତୀବ୍ର ଗତିରେ
ବାଧାବିଘ୍ନ ସବୁ ଅତିକ୍ରମି।

ମୁଁ ଶବ୍ଦ ଶିଳ୍ପୀ,
ସଦା ଚକ୍ ଚକ୍ ମୁଁ
ଟିକିଏ ବି ନାଇଁ ମୋଠି
ଧୂଳିମଳି।

ଜାଣେ, ସତ୍ୟ ମୋ ଜୀବନ,
ଜୀବନ ପାଇଁ ଯେତେ ଯାହା
ଦୁଃଖ ଶୋକ କଷ୍ଟ ଯାଉଛି ସହି
ସାରା ରାତି, ସାରା ଦିନ।


♥ତପୋବନ,
ଟିଟିଲାଗଡ - ୭୬୭୦୩୩


## ଉଚ୍ଛିଣି ବର୍ଷା

### ପ୍ରଶ୍ନ କୁମାର ଶତପଥୀ



ଚାରିଆଡ଼େ ବରଷା ବିଜୁଳି ଧୀରବଜ୍ର,
କ୍ଷଣକେ କ୍ଷଣକେ ଶୂନ୍ୟରୁ ଝରଇ ଝର।

ଉଚ୍ଛିଣି ବର୍ଷାରେ କଳ୍ପନା ମନୁ ଉତ୍କ୍ଷିପ୍ତ,
ବର୍ଷାପାଣି ଚପଳା ଆଲୋକେ ରଂଗାୟିତ।

ଦୂର ନଭେ ଶୁଭଇ ଧୀର ମେଘଗର୍ଜନ,
ମନ ଆକାଶ ମୋ ଭାରି ବିଚିନ୍ତ୍ୟମାନ ।

ଆଧୀକ୍ୟ ହୁଅଇ ଶୂନ୍ୟ ବରଷାର ଗତି,
ଚୌହଦୀସାରା ଜଳର ବ୍ୟାପତି-ରାଜୁତି।

ଗଗନୁ ଲଟେଇ ଆସେ ମେଘର ଝରଣା,
ଝରାପ୍ରେମେ ଛୁଆଁରେ ପଥିକ ପଥବଣା ।


♥ଦୁମୋଡ଼ିହି,ଜାମଦା,
ମୟୂରଭଞ୍ଜ


## ସାଙ୍ଗ ତୁ ଆସିଲୁ ବୋଲ

### ସୌଦାମିନୀ ପଣ୍ଡା



ହଜି ଯାଇଥିଲି ମୁ ଜୀବନରେ
ଖୋଜି ଦେଲୁ ଜୀବନରେ ଆସି,,
ଜୀବନରେ ଖୁସି କଣ ଭୁଲି ଯାଇଥିଲି
ମନେ ପକେଇ ଦେଲୁ ଜୀବନେ ଆସି,
ସାଙ୍ଗ ତୁ ଆସିଲୁ ବୋଲି.....
ନିରୋଳାରେ ବସିବାର ଅଭ୍ୟାସ ଥିଲା
ତୋ ସାଥିରେ ବସିବାକୁ ଲାଗିଲା,
ମନରେ ଥିବା ସେହି ଅକୁହା କଥାକୁ
ଅଭୟରେ ତୋ ଠାରେ କହିବାକୁ ଲାଗିଲା,
ସାଙ୍ଗ ତୁ ଆସିଲୁ ବୋଲି.....
ରାସ୍ତାରେ ପାଦ ଅଟକିଯାଉଥିଲା ବେଳେ
ତୋ ହାତ ଧରି ଆଗକୁ ଚାଲିଲା,
କିଛି କରିବାକୁ ଭୟ ଥିବା ମନକୁ
ପ୍ରୋତ୍ସାହନ ପାଇଁ ଆଗକୁ ବଢିଲା,
ସାଙ୍ଗ ତୁ ଆସିଲୁ ବୋଲି......
ଦୁଃଖ ସମୟରେ ଲୁହ ହିଁ ସାଥିରେ ଥିଲା
କାନ୍ଧରେ ମୁଣ୍ଡ ରଖି ଆଶ୍ୱାସନା ପାଇଲା,
କ୍ଳାନ୍ତ ହୋଇଯାଇଥିବା ଏହି ଜୀବନଟିଏ
ପୁଣି ଉଠି ଚାଲିବାର ସାହସ ପାଇଲା,
ସାଙ୍ଗ ତୁ ଆସିଲୁ ବୋଲି....
ଅନେକ ଲେଖା ପବନରେ ଉଡିଯାଇଛି
ସାଉଁଟି ଆଣି ସାଇତି ରଖିଛୁ,
ଅର୍ଥ ହରାଇ ବସିଥିବା ସେହି ଲେଖାର
ପ୍ରଥମ ଶ୍ରୋତା ସାଜିଛୁ,
ସାଙ୍ଗ ତୁ ଆସିଲୁ ବୋଲି....
ଜୀବନରେ ବନ୍ଧୁତାର ଉଦାହରଣ ଶୁଣିଛି
ଦ୍ୱାପର ଯୁଗର କୃଷ୍ଣ ସୁଦାମାଙ୍କର,
ବନ୍ଧୁତାର ପବିତ୍ର ବନ୍ଧନେ ବାନ୍ଧି ହୋଇଛି
ନିସ୍ୱାର୍ଥ ମନରେ ରହିବି ଶପଥ ମୋର,
ସାଙ୍ଗ ତୋ ସାଥିରେ....


♥ବରିହାପାଲି (ପଦ୍ମପୁର )
ବରଗଡ

# ସିକ୍ୟୁରିଟି ଗାର୍ଡଙ୍କୁ ନିସ୍ତୁକ ମାଡ଼ ମାରି ବାଇକ୍, ମୋବାଇଲ ଓ ପର୍ସ ଲୁଟ୍ ଘଟଣା, ୬ ଅଭିଯୁକ୍ତ କୋର୍ଟଚାଲାଣ : ଦେଢ଼ ମାସ ପରେ କୂଅରୁ ଖଣ୍ଡ ଖଣ୍ଡ ଚୋରା ବାଇକ୍ ଉଦ୍ଧାର

ବଲାଙ୍ଗିର, ୦୫/୦୮ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ୫୯ ନମ୍ବର ଜାତୀୟ ରାଜପଥର ମାଲପଡ଼ା ଓ ଗଁରେଇ ଗ୍ରାମର ମଝିରେ ଥିବା ଫୁଟବଲ ପଡିଆ ନିକଟରେ ହଦହଦା ଗ୍ରାମର ତଥା ଟିଟିଲାଗଡ ଏଲଆଇସି ଅଫିସର ସିକ୍ୟୁରିଟି ଗାର୍ଡ ବ୍ୟୋମକେଶ ମିଶ୍ରଙ୍କୁ ନିସ୍ତୁକ ମାଡ଼ ମାରି ତାଙ୍କ ଓଲା ବାଇକ୍, ମୋବାଇଲ ଓ ପର୍ସ ଲୁଟ୍ ହୋଇଥିବା ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଏହି ବହୁଚର୍ଚ୍ଚିତ ଲୁଟ୍ ଘଟଣାର ଦେଢ଼ ମାସ ପରେ ପୁଲିସ ପର୍ଦ୍ଦାଫାଶ କରିବା ସହ ଏଥିରେ ସାମିଲ ସମସ୍ତ ୬ ଜଣ ଅଭିଯକ୍ତଙ୍କୁ ଦୁଇଟି ପର୍ଯ୍ୟାୟରେ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରଥମେ ଗିରଫ ଅଭିଯୁକ୍ତମାନେ ହେଲେ ଟୁର୍ଚାକାନୀ ଗ୍ରାମର ଦୀପକ ସରାଫ(୨୨) ଓ ଗୁରୁଣ୍ଡା ଗ୍ରାମର ମନୋରଞ୍ଜନ ସରାଫ(୨୮)ଙ୍କୁ ଗତ ୨୯/୦୬/୨୪ରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଶନିବାର ଦିନ ଭୋଇପଡା ଗ୍ରାମର ଉଗ୍ରସେନ ସରାଫ(୨୩), ଗୁରୁଣ୍ଡା ଗ୍ରାମର ଦ୍ୱାରୁ ଭୋଇ(୨୦), ଗୁରୁଣ୍ଡା ଗ୍ରାମର ରାଜେଶ ତାଣ୍ଡି(୨୨) ଓ ସେହି ଗୁରୁଣ୍ଡା ଗ୍ରାମର ହିଁ ରମେଶ ସରାଫ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସ୍ ଦମକଳ ବାହୀନି ସାହାର୍ଯ୍ୟରେ ଗୁରୁଣ୍ଡା ଗ୍ରାମର ଆମବାହାଲିର ବୀରମିତ୍ର ସାହୁଙ୍କ ପରିବାରର ଏକ କୂଅରୁ ଚୋରୀ ଓଲା ବାଇକ୍‌କୁ ଖଣ୍ଡ ଖଣ୍ଡ ଅବସ୍ଥାରେ ଉଦ୍ଧାର କରିଛି । ଅଭିଯୋଗ ମୁତାବକ, ଏହି ଥାନା ଗରଗଡ଼ବାହାଲ ପଂଚାୟତ ହଦହଦା ଗ୍ରାମର ବ୍ୟୋମକେଶ ମିଶ୍ର ଟିଟିଲାଗଡ ଏଲ୍ଆଇସି ଅଫିସରେ ସିକ୍ୟୁରିଟି ଗାର୍ଡ ରୂପେ କାର୍ଯ୍ୟ କରନ୍ତି । ଗତ ୧୮/୦୬/୨୪ ଦିନ ସେ ନିଜ ଡ୍ୟୁଟି ସାରି ରାତି ୧୧ଟା ବେଳେ ନିଜର ଇଲେକ୍ଟ୍ରିକ ଓଲା ବାଇକ୍ ନଂ ଓଡ଼ି ୦୩ ଜେଡ ୯୯୧୫ ଯୋଗେ ହଦହଦା ଗ୍ରାମରେ ଥିବା ନିଜ ଘରକୁ ଫେରୁଥିଲେ । ୫୯ନଂ ଜାତୀୟ ରାଜପଥର ମାଲପଡା ଓ ଗଁରେଇ ଗ୍ରାମ ମଝିରେ ଥିବା ଫୁଟବଲ ପଡ଼ିଆ ନିକଟରେ ୫ଜଣ ମୁଖାପିନ୍ଧା ଦୁର୍ବୃତ ତାଙ୍କୁ ଠେଙ୍ଗାରେ ନିସ୍ତୁକ ମାଡ଼ ମାରି ତାଙ୍କ ଓଲା ବାଇକ୍, ସେ ଧରିଥିବା ମୋବାଇଲ ଓ ପର୍ସ ସହ ୫ହଜାର ଟଙ୍କା ଲୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ବ୍ୟୋମକେଶ ରାତିରେ ହିଁ ଆସି ଥାନାରେ ଲିଖିତ ଏତଲା ଦେଇଥିଲେ । ପୁଲିସ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଥିଲା । ଏ ସମ୍ପର୍କରେ ଥାନା କେଶ ନଂ ୨୦୧/୨୪ ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିଲା । ପ୍ରଥମ ଦୁଇ ଅଭିଯୁକ୍ତଙ୍କୁ ଆଣି ଅଟକ ରଖି ଅଧିକ ତଦନ୍ତ ପରେ ଅନ୍ୟ ଅଭିଯୁକ୍ତଙ୍କ ସଂପୃକ୍ତି ଜଣାପଡିଥିଲା । ଦୁର୍ବୃତମାନେ ଚୋରୀ ଓଲା ବାଇକ୍ କୁ ଦୁଇ ଦିନ ମଧ୍ୟରେ ଖଣ୍ଡ ଖଣ୍ଡ କରି କାଟି ସେହି କୂଅରେ ଫିଙ୍ଗି ଦେଇଥିବା ସ୍ୱୀକାର କରିଥିଲେ । କଂଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପୁଲିସ୍ ବିଭିନ୍ନ ଦିଗରୁ ଅଧିକ ତଦନ୍ତ ଜାରି ରଖିଥିଲା । ଏହି ବହୁଚର୍ଚ୍ଚିତ ଲୁଟ୍ ଘଟଣାରେ ପୁଲିସ ଦୁଇଟି ପର୍ଯ୍ୟାୟରେ ମୋଟ୍ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସମସ୍ତଙ୍କ ଜାମିନ୍ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି ।

## ଗୁପ୍ତେଶ୍ୱର ପୀଠରେ ବୋଲବମ୍ ଭକ୍ତଙ୍କ ଭିଡ଼

ଜୟପୁର, ୦୫/୦୮ (ନି.ପ୍ର): ଆଜି ଶ୍ରାବଣ ମାସ ତୃତୀୟ ସୋମବାର ଅବସରରେ ବୋଲ ବମ୍, ହରହର ବମ୍ ଧ୍ୱନିରେ କମ୍ପୁଛି ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠ । କାନ୍ଧରେ କାଉଡ଼ି, ଦେହରେ ଗେରୁଆ ବସ୍ତ୍ର ପରିଧାନ କରି ତୁଣ୍ଡରେ ହର ହର ମହାଦେବ ନାମ ନେଇ ଗୁପ୍ତେଶ୍ୱର ପୀଠକୁ ଛୁଟି ଆସିଛନ୍ତି ହଜାର ହଜାର ସଂଖ୍ୟାରେ କାଉଡିଆ ଭକ୍ତ । ଜିଲ୍ଲା ଏବଂ ବାହାର ଜିଲ୍ଲାରୁ ଆସି ଶୈବ ପୀଠରେ ଜଳଲାଗି କରିଛନ୍ତି କାଉଡିଆ ଭକ୍ତ । ମନ୍ଦିରରେ ଭିଡ଼କୁ ଦୃଷ୍ଟିରେ ରଖି ଗତକାଲି ବିଳମ୍ବିତ ରାତିରୁ ପହଡ ଖୋଲାଯାଇ ମଙ୍ଗଳ ଆଳତୀ ଓ ଅବକାଶ ନୀତି କରାଯିବା ପରେ ଭକ୍ତଙ୍କ ପାଇଁ ସାହାଣ ମେଳା ଦର୍ଶନ ଆରମ୍ଭ ହୋଇଛି । ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କାଉଡିଆ ଓ ଭକ୍ତଙ୍କ ପାଇଁ ଧାଡି ବ୍ୟବସ୍ଥା କରାଯାଇଛି । ମହାଦେବଙ୍କ ଉପରେ ଜଳ ଢାଳି ନିଜ ମାନସିକ ପୂର୍ଣ୍ଣ କରିଛନ୍ତି କାଉଡ଼ିଆ ।

# ରାଜସ୍ୱ ମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ସମୀକ୍ଷା : କଳକାରଖାନା ଜନିତ ପ୍ରଦୂଷଣ ରୋକିବାକୁ ନିର୍ଦ୍ଦେଶ

ସମ୍ବଲପୁର, ୦୫/୦୮ (ନି.ପ୍ର): ବୁର୍ଲା ସ୍ଥିତ ଅଶୋକ ନିବାସ ଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଜଳସମ୍ପଦ, ଶିକ୍ଷ ବିଭାଗର ବିଭିନ୍ନ ବିଷୟ ନେଇ ଏକ ବୈଠକରେ ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ । ଏଥିରେ ବନ୍ୟା ନିୟନ୍ତ୍ରଣ, ହୀରାକୁଦ ନଦୀବନ୍ଧର ଜଳପରିଚାଳନା, ନଦୀବନ୍ଧ ମଧ୍ୟକୁ ପ୍ରବେଶ କରୁଥିବା ଜଳର ପରିମାଣ, ଛତିଶଗଡ଼ରୁ ହୀରାକୁଦକୁ ପ୍ରବେଶ କରୁଥିବା ଜଳର ସ୍ଥିତି ଓ ପରିମାଣ, ହୀରାକୁଦ ନଦୀବନ୍ଧ ନିର୍ମାଣ ପରେ ବ୍ୟବହାର ହେଉ ନଥିବା ଜମିର ସ୍ଥିତି ସଂପର୍କରେ ଅଧିକାରୀମାନଙ୍କ ସହିତ ରାଜସ୍ୱମନ୍ତ୍ରୀ ମୁଖ୍ୟତଃ ଆଲୋଚନା କରିଥିଲେ । ଶୂନ୍ୟ ବିସ୍ଥାପନରେ ବ୍ୟାରେଜ ନିର୍ମାଣ ସଂପର୍କରେ ସେ ପଚାରି ବୁଝିବା ସହିତ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ଜମିଜମା ମାମଲାର ସମାଧାନ କରିବା ପାଇଁ ସେ ଅଧିକାରୀମାନଙ୍କୁ କହିଥିଲେ । ସମ୍ବଲପୁର, ଝାରସୁଗୁଡ଼ା ଓ ବ୍ରଜରାଜନଗରରେ ବନ୍ୟାଜଳ ପ୍ରବେଶ କରୁଥିବା ବସତିମାନଙ୍କର ତାଲିକା ପ୍ରସ୍ତୁତ କରିବା, ସମ୍ବଲପୁର ସହରରେ ବନ୍ୟାଜଳ ପ୍ରବେଶ କାରଣ ଓ ନିରାକରଣ, କଳକାରଖାନାର ବର୍ଜ୍ୟବସ୍ତୁ ଓ ଜଳକୁ ଛଡ଼ାଯିବା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ । ବିଭିନ୍ନ ପ୍ରସଙ୍ଗର ଆଶୁ ସମାଧାନ ପାଇଁ ଜଳସମ୍ପଦ, ରାଜସ୍ୱ ଓ ଶକ୍ତି ବିଭାଗକୁ ନେଇ ଏକ କମିଟି ଗଠନ କରିବାକୁ ନେଇ ସେ ନିର୍ଦ୍ଦେଶ ଦେଇଥିଲେ । ସହରର ଉଦ୍‌ବୃତ ଜଳ ନିଷ୍କାସନ ପାଇଁ ସ୍ଲୁଇସ୍‌ଗେଟ୍ ଓ ପମ୍ପିଂ ଷ୍ଟେସନର କାର୍ଯ୍ୟକାରିତା, ନଦୀବନ୍ଧ ପାଇଁ ଅଧିଗୃହୀତ ଜମିକୁ ରାଜସ୍ୱ ବିଭାଗକୁ ଫେରାଇ ଆଣିବା ଓ ଗରିବ କଲ୍ୟାଣ ଯୋଜନାରେ ଘରଡିହରେ ଉପଯୋଗ, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରେ ନଦୀବନ୍ଧର ୬୩୨ ଫୁଟ୍‌ରୁ ୬୩୪ ଫୁଟ୍ ମଧ୍ୟରେ ଥିବା ଚାଷଜମି ପଟ୍ଟା ପ୍ରଦାନ ପ୍ରକ୍ରିୟା ଓ ହୀରାକୁଦ ନଦୀବନ୍ଧରୁ ପାଣି ନେଇ ଜଳକର ଦେଉ ନଥିବା କ୍ଷେତ୍ରରେ ଜଳକର ଆଦାୟ ଓ ନୋଟିସ୍ କରାଯିବା ନେଇ ବୈଠକରେ ଆଲୋଚନା ହୋଇଛି ବୋଲି ରାଜସ୍ୱମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ । ବୈଠକରେ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମହାନଗର କମିଶନର ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ ଅଜାୟର ମହାନ୍ତି, ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଝାରସୁଗୁଡ଼ାର ଅତିରିକ୍ତ ଜିଲ୍ଲାପାଳ, ହୀରାକୁଦ ନଦୀବନ୍ଧ ମୁଖ୍ୟଯନ୍ତ୍ରୀ ସୁଶୀଳ ବେହେରା, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ହେମନ୍ତ ପାଣ୍ଡବ, ଅଧୀକ୍ଷଣ ଯନ୍ତ୍ରୀ ସୁଧୀର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା: ଅଭିଯୁକ୍ତ ଗିରଫ

ଜୟପୁର, ୦୫/୦୮ (ନି.ପ୍ର): ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଜଣେ ଅଭିଯୁକ୍ତକୁ ଆଜି ଜୟପୁର ଟାଉନ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ନୂଆ ସାହି ପାର୍କ ଲାଇନର ସାଇ ସାହୁ (୨୩ )। ପୋଲିସ ସୂଚନା ଅନୁଯାଇ, ଗତ ୨୮ ତାରିଖରେ ନାବାଳିକା ଜଣକ ନିଖୋଜ ଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ପରିବାର ଲୋକେ ବହୁ ଖୋଜା ଖୋଜି କରି ଖୋଜ ଖବର ନମିଳିବାରୁ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଜୟନଗରୁ ନାବାଳିକାକୁ ଉଦ୍ଧାର କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ଦୁଷ୍ଟାମୀ ପାଇଁ ତାଗିଦ୍ କରିବାରୁ ଆବାସିକ ବିଦ୍ୟାଳୟ ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

ମାଲକାନଗିରି, ୦୫/୦୮ (ନି.ପ୍ର): ମାଲକାନଗିରି ଆବାସିକ କଲେଜରେ ଛାତ୍ରଙ୍କୁ ମାଡ଼, ଅପମାନ ସହିନପାରି ଆତ୍ମହତ୍ୟା ଉଦ୍ୟମ । ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ସଦର ମହକୁମାରେ ଥିବା ଘଡେଇ ଆବାସିକ ମହାବିଦ୍ୟାଳୟରେ । ବିଦ୍ୟାଳୟରେ ପାଠ ପଢୁଥିବା ପ୍ରୀୟାଂଶୁ ସୁନା ଦଶମ ଶ୍ରେଣୀର ଛାତ୍ର ହୋଇଥିବା ବେଳେ ମହବିଦ୍ୟାଳୟର ଜଣେ ଶିକ୍ଷକ ଓ ସେଠାରେ କାର୍ଯ୍ୟରତ ବିଦ୍ୟୁତ କର୍ମଚାରୀଙ୍କ ନିସ୍ତୁକ ମାଡ ପରେ ହଷ୍ଟେଲ ଛାଡି ରାତିରେ ଦଶମ ଶ୍ରେଣୀ ଛାତ୍ର ପ୍ରୀୟାଂଶୁ ପଳାୟନ କରିଥିବା ଖବର ମିଳିଥିଲା । ସୂଚନା ଅନୁଯାୟୀ, ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ପୋଲିସ ସହାୟତାରେ ପରିବାର ଲୋକେ ଯୁବକଙ୍କୁ ଉଦ୍ଧାର କରିବା ସହ ସତିଗୁଡା ଜଳ ଭଣ୍ଡାର ନିକଟରୁ ପରିବାର ଲୋକେ ଘରକୁ ଫେରାଇ ଆଣିଥିଲେ । ଘଟଣା ପାଇଁ ଘଡେଇ ଆବାସିକ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରିବାର ଲୋକେ ଦାୟୀ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପୋଲିସ ନିକଟରେ ଦାବି କରିଛନ୍ତି । ତେବେ ଏହି ଘଟଣା ବାବଦରେ ଜାଣିବା ପାଇଁ ଘଡେଇ ଆବାସିକ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଉକ୍ତ ଛାତ୍ର ଜଣକ ପୂର୍ବ ବର୍ଷ ହଷ୍ଟେଲରୁ ଯାଇ ଏକ ଦୋକାନରୁ ଚୋରିକରି ଧରାପଡିବା ପରେ ତାଙ୍କ ପରିବାର ବର୍ଗଙ୍କୁ ଡକାଇ ଘରକୁ ଫେରେଇ ନେବାକୁ କହିଥିଲେ, କିନ୍ତୁ ପରିବାର ପକ୍ଷରୁ ଛାତ୍ରର ଭବିଷ୍ୟତକୁ ନେଇ ପୁର୍ନବାର ହଷ୍ଟେଲରେ ରଖି ଶିକ୍ଷାଦାନ ଦେବାକୁ ନିବେଦନ କରିଥିଲେ । କିନ୍ତୁ ଗତକାଲି ପୁନର୍ବାର ଉକ୍ତ ଛାତ୍ର ଜଣକ ହଷ୍ଟେଲ ଛାଡି ମେଡିକାଲ ନିକଟରେ ଗୁଟଖା ଖାଉଥିବା ଦେଖି ହଷ୍ଟେଲ କର୍ମଚାରୀ ତାଗିଦ କରିବା ସହ ହଷ୍ଟେଲକୁ ଫେରାଇ ଆଣିଥିଲେ । ସଂଗେ ସଂଗେ ପୁନର୍ବାର ତାଙ୍କ ପରିବାରଙ୍କୁ ଡକାଇ ଆଲୋଚନା କରିବା ସମୟରେ ଉକ୍ତ ଛାତ୍ର ଜଣକ ହଷ୍ଟେଲ ଛାଡି ଚାଲିଯାଇଥିଲେ । ଅନ୍ୟ ଉପାୟ ନ ପାଇ ଏ ବାବଦରେ ଆବାସିକ କଲେଜ ପକ୍ଷରୁ ଆଦର୍ଶ ଥାନାରେ ଏତଲା ଦିଆଯାଇଥିଲା । ପରେ ପରିବାର ଲୋକେ ଅଧିକ ଖୋଜା ଖୋଜି କରିବା ସହ ଛାତ୍ରଙ୍କୁ ମାଡ଼ ମରାଯାଇଥିବା ଏବଂ ଛାତ୍ର ଅପମାନ ସହି ନପାରି ଆତ୍ମହତ୍ୟା କରିଥିବା ଓ ପୋଲିସ ସହାୟତାରେ ଉଦ୍ଧାରକୁ ନେଇ ଅଭିଯୋଗ ବାଢ଼ିଥିଲେ ପରିବାର ଲୋକେ। ଏହିସବୁ ଅଭିଯୋଗ ବାବଦରେ ଘଟଣାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି ବୋଲି ସୂଚନା ରହିଛି ।

# ଭିନ୍ନକ୍ଷମ ବାଳିକା ମେଧାବୃତ୍ତି ଓ ସଫଳ ସମର୍ଥ ସମ୍ମାନ ପ୍ରଦାନ

କେନ୍ଦ୍ରାପଡ଼ା, ୦୫/୦୮ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମାଧପୁର ଠାରେ ଥିବା ପୁନର୍ବାସ ପରିସର ରେ ପଦ୍ମା ରାଉତ ଭିନ୍ନକ୍ଷମ ବାଳିକା ମେଧାବୃତି ଓ ସଫଳ ସମର୍ଥା ସମ୍ମାନ ପ୍ରଦାନ କରାଯାଇଛି । ବିଶିଷ୍ଟ କଥାକାର ତଥା ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡ଼ଃ ବିରଜା ରାଉତଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ବିଶିଷ୍ଟ କବି ପ୍ରାକ୍ତନ ଅଧକ୍ଷା ଡ଼ଃ ଅପର୍ଣ୍ଣା ମହାନ୍ତି, ବିଶିଷ୍ଟ ଚିକିତ୍ସକ ଡ଼ଃ ଗୌରାଙ୍ଗ ସାମନ୍ତରାୟ, କେନ୍ଦ୍ରାପଡା କଲେଜ ର ଓଡିଆ ଅଧ୍ୟାପିକା ସସ୍ମିତା ପାଢୀ ଯୋଗ ଦେଇ ଭିନ୍ନକ୍ଷମ ଛାତ୍ରୀ ମାନଙ୍କୁ ପ୍ରଦାନ କରା ଯାଉଥିବା ଆର୍ଥିକ ସହାୟତା ବୃତି ସେମାନଙ୍କ ମନୋବଳ କୁ ଦ୍ୱିଗୁଣିତ କରିବା ସହ ଆଗକୁ ବଢିବାକୁ ଅଧିକ ପ୍ରେରଣା ଯୋଗାଉଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସର ରେ ମେଟ୍ରିକ୍, +୨ ଓ +୩ ଛାତ୍ରୀ ସର୍ବଶ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ, ବି. ଶୁଭ୍ରାଙ୍ଗିନୀ ରାଉତରାୟ, ଶୁଭଶ୍ରୀ ଖଣ୍ଡୁଆଳ, ଭାରତୀ ଦାସ, ହରପ୍ରିୟା ଦାସ, ମୋନାଲିସା ବଳ, ଉଷାଶ୍ରୀ ବେହେରାଙ୍କୁ ପଦ୍ମା ରାଉତ ଭିନ୍ନକ୍ଷମ ବାଳିକା ମେଧାବୃତି ବାବଦ ରେ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କାର ଚେକ୍ ମୁଖ୍ୟ ଅତିଥି ପ୍ରଦାନ କରିଥିଲେ । କଠୋର ସାଧନା ବଳରେ ଅଧ୍ୟାପିକା ହୋଇ ପାରିଥିବା ଶ୍ରୀମତୀ ସସ୍ମିତା ଅଧିକାରୀଙ୍କୁ ପୁନର୍ବାସ ପକ୍ଷରୁ ସଫଳ ସମର୍ଥା ସମ୍ମାନ ପ୍ରଦାନ କରାଯାଇ ଥିଲା । କାର୍ଯ୍ୟକ୍ରମ ରେ ବଂଶୀଧର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ଥାନୀୟ କାଉନସିଲର ରଶ୍ମିତା ସିଂହ, କବିତା ମୁଦୁଲି, ଶିବ ଚରଣ ସାମଲ, ମହମ୍ମଦ ଜାହିଦ ଖାନ ପ୍ରମୁଖ ଭିନ୍ନକ୍ଷମ ମାନଙ୍କୁ ପ୍ରଶଂସା କରିଥିଲେ । ସଭା ଶେଷରେ ନିମାଇଁ ଚରଣ ମାନସିକ ଅନଗ୍ରସର ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିବ ମନ୍ଦିରରେ କୁନି କୁନି ବୋଲବମ ଭକ୍ତଙ୍କ ଭିଡ଼

ଜୟପୁର, ୦୫/୦୮ (ନି.ପ୍ର): ଶ୍ରାବଣ ମାସରେ ପ୍ରତ୍ୟେକ ଶିବ ମନ୍ଦିରରେ ବୋଲବମ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳୁଛି. । ସେହିପରି ଆଜି ଜୟପୁର ପାୱାର ହାଉସ ସ୍ଥିତ ଶିବ ମନ୍ଦିରରେ କୁନି କୁନି ବୋଲବମ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସେମାନେ ନିଳାଚଳ ନଗର ଠାରୁ ବାହାରି କାଉଡିରେ ଜଳଭାର ନେଇ ପାୱାର ହାଉସ ସ୍ଥିତ ହନୁମାନ ମନ୍ଦିର ପରିସରରେ ଥିବା ଶିବ ମନ୍ଦିରରେ ଜଳାଭିଷେକ କରିଥିଲେ । ସେଠାରେ ପୂଜକ ଶ୍ରୀ ରାଜେଶ କୁମାର ମିଶ୍ର ପୂଜାର୍ଚ୍ଚନା କରିବା ପରେ ସମସ୍ତ କୁନି କୁନି ବୋଲବମ ଭକ୍ତ ଘରକୁ ଫେରିଥିଲେ ।

# ଶିଶୁ ସମାଚାର ତରଫରୁ ଗଛ ପାଇଁ ମୁଁ ବଂଚିଛି

ପୁରୀ , ୦୫/୦୮ (ନି.ପ୍ର): ଓଡ଼ିଶାର ପ୍ରଥମ ଶିଶୁ ସମ୍ବାଦ ପତ୍ର ଶିଶୁ ସମାଚାର ତାର ସପ୍ତଦଶ ସ୍ୱନକ୍ଷତ୍ର ଉତ୍ସବ ପାଳନ କରିବାକୁ ଯାଉଛି ।ଏହି ସ୍ୱ ନକ୍ଷତ୍ର ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଅନୁଷ୍ଠାନ ତରଫରୁ ନୂଆପାଟଣା ,ଗୋରୁଆଳ ଠାରେ ଥିବା ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପୋଣ କାର୍ଯ୍ୟକ୍ରମ 'ଗଛ ପାଇଁ ମୁଁ ବଂଚିଛି' ଆୟୋଜିତ ହୋଇଯାଇଛି । ଅନୁଷ୍ଠାନର ୧୭ ବର୍ଷ ପୂର୍ତ୍ତି ଅବସରରେ ଏହାକୁ ସ୍ମରଣୀୟ କରିବା ପାଇଁ ମହାବିଦ୍ୟାଳୟ ପରିସରରେ ୧୭ ଟି ଫୁଲ ଗଛ ଚାରା ରୋପଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଉତ୍ସବ କମିଟି କର୍ମକର୍ତ୍ତା, ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତି ଥିଲେ । ଏହି ଅବସରରେ ଅଗଷ୍ଟ ଦଶ ତାରିଖ ଦିନ ପୌର ସଦନ ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଶ୍ରୀ ମାନସ ରଂଜନ ସାମଲଙ୍କୁ ଶିଶୁ ସମାଚାର ସାରସ୍ୱତ ସାଧକ ସମାନ ଓ ବେଦାଂଶି ପରିଡାଙ୍କୁ ଶିଶୁ ସମାଚାର ଶିଶୁ ପ୍ରତିଭା ସମ୍ମାନ , ଡାକ୍ତର ହରିବଲଭ ମହାପାତ୍ରଙ୍କୁ ଶିଶୁ ସମାଚାର ସେବା ସମ୍ମାନ ପ୍ରଦାନ କରାଯିବ ବୋଲି ଉତ୍ସବ କମିଟି ଅଧକ୍ଷ ଶ୍ରୀ ସିଦ୍ଧାର୍ଥ ରାୟ ଘୋଷଣା କରିଥିଲେ ।ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଅଂଚଳରୁ ପାଂଚଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଯୋଗ ଦେଇ ସେମାନଙ୍କ ମଧ୍ୟରେ ଥିବା ବିବିଧ ପ୍ରତିଭାର ପ୍ରଦର୍ଶନ କରିବେ ।ଏଥି ସହିତ ନୃତ୍ୟ,ସଙ୍ଗୀତ ବାଦ୍ୟ ଯନ୍ତ୍ର ପ୍ରତିଯୋଗିତା ମଧ ଆୟୋଜିତ ହେବ ଏବଂ ଶିଶୁ ମାନଙ୍କୁ ପରିବେଶ ପ୍ରତି ସଚେତନ କରିବା ପାଇଁ ଏ ବର୍ଷ ଉତ୍ସବର ଥିମ୍ ଗଛ ପାଇଁ ମୁଁ ବଂଚିଛି ରଖା ଯାଇଛି ବୋଲି ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ସୂଚନା ଦେଇଛନ୍ତି ।

# ଫୁଲବାଣୀରେ ସାଂସଦ ଓ ବିଧାୟକଙ୍କ ସାମ୍ବାଦିକ ସମ୍ମିଳନୀ: ବିଜେପି ନିର୍ବାଚନୀ ସଂକଳ୍ପ ପତ୍ର ପ୍ରତିଶୃତି ପାଳନ କରୁଛି

କନ୍ଧମାଳ , ୦୫/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ଦଳ ବେହେରାଙ୍କ ସଭାପତିତ୍ୱରେ ରବିବାର ଫୁଲବାଣୀ ସର୍କିଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବିଜେପି ନେତା ତଥା କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗଦେଇ ନିକଟରେ ହୋଇଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଜେଟ ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ଓଡ଼ିଶାରେ ବିଜେପି ର ପ୍ରଥମ ସରକାର ରାଜ୍ୟରେ ଯିଏକି ନିର୍ବାଚନ ବେଳେ ସଂକଳ୍ପ ପତ୍ରରେ ଲୋକଙ୍କୁ ଦେଇଥିବା ପ୍ରାୟ ସମସ୍ତ ପ୍ରତିଶୃତି ପାଳନ କରିଛି । ପ୍ରଥମ ବଜେଟ ରେ ହିଁ ବ୍ୟୟ ବରାଦ କରି ଏକ ନୂତନ ପରମ୍ପରା ସୃଷ୍ଟି କରିଥିବା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ କହିଛନ୍ତି । ବିଜେପି ସରକାର ର ବଜେଟ ସର୍ବ ସ୍ପର୍ଶୀ, ସାମଗ୍ରିକ ବିକାଶ,ମହିଳା, କୃଷକ ଯୁବକ ଯୁବତୀ, ବୃଦ୍ଧ, ବୃଦ୍ଧା ଓ ଗରିବ ଲୋକଙ୍କ ପାଇଁ ସମର୍ପିତ ବୋଲି ସାଂସଦ ଶ୍ରୀ ପାଣିଗ୍ରାହୀ କହିଥିଲେ । ବିଜେପିର ସଂକଳ୍ପ ପତ୍ରରେ ଥିବା ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ତେବେ ବିଜେଡି ୨୫ ବର୍ଷରେ ମହିଳାମାନଙ୍କୁ କେବଳ ରାଜନୈତିକ ସ୍ୱାର୍ଥ ସାଧନରେ ହିଁ ବ୍ୟବହାର କରୁଥିଲା । ଧାନର କ୍ରୟ ମୂଲ୍ୟ ୩୧ ଶହ ଟଙ୍କା କରିବା ପାଇଁ ବ୍ୟୟବରାଦ କରାଯାଇଛି । ବୟସ୍କ ବ୍ୟକ୍ତି ମାନଙ୍କୁ ସାମାଜିକ ସୁରକ୍ଷା ପାଇଁ ମାସିକ ୩୫ ଶହ ଟଙ୍କା ଭତା ପାଇଁ ମଧ ବଜେଟ ରେ ବ୍ୟବସ୍ଥା ହୋଇଛି ବୋଲି କହିଥିଲେ । ସେହିପରି ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ଯୋଗଦେଇ ଗତ ୨୪ ବର୍ଷ ରେ ବିଜେଡି ସରକାରର ନେତା, କର୍ମୀ ଓ କର୍ମଚାରୀ ମାନେ ଦୁର୍ନୀତିରେ ବୁଡି ରହିଥିଲେ, ସେଭଳି କିଛି ଆଖି ଦୃଶିଆ କାର୍ଯ୍ୟ କରିନଥିବା କହିଥିଲେ । ପୂର୍ବତନ ସରକାର କୃଷକ ମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରିବା ସହ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରିବାକୁ ପ୍ରତିଶୃତି ଦେଇ ଭୁଲିଗଲେ । ବିଜେପି ସରକାର କୃଷକ ମାନଙ୍କୁ ଅଗ୍ରାଧିକାର ଦେଉଥିବା ବିଧାୟକ ମଲିକ ଆହୁରି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ଭଗବାନ ମହାନ୍ତି, ଲିଙ୍ଗରାଜ ଦଳ ବେହେରା, ଯୁବ ବିଜେପି ସଭାପତି ମୁକ୍ତିକାନ୍ତ ମହାନ୍ତି, ବିଜେପି ନେତା ରମେଶ ମହାନ୍ତି, ତପନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେଶି ମଦ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର, ୦୫/୦୮ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢାଉ କରାଯାଇଛି । ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଅନ୍ତା ଗ୍ରାମର ସୁବାସ ବାଘ (୨୬) । ଅବକାରି ଥାନା ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ଅନ୍ତା ଗ୍ରାମରୁ ଏକ ବାଇକ ରେ ଦେଶି ମଦ ଚାଲାଣ ହେଉଥିଲା । ଏହି ସୁଚନା ପାଇ ପଲକାପୁଟ ଛକରେ ଜୟପୁର ଅବକାରି ଥାନା ପକ୍ଷରୁ ଚଢାଉ କରାଯାଇଛି । ଚଢାଉ କରି ୨୨ ଲିଟର ଦେଶି ମଦ ଓ ବାଇକ ଜବତ କରି ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇ ଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବାହିରି ମିଶ୍ର ସୁଚନା ଦେଇଛନ୍ତି ।

# ଆଇନସେବା ପ୍ରାଧିକରଣ ତରଫରୁ ନବୋଦୟ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ସହିତ ପାରସ୍ପରିକ ମିଳନ

କେନ୍ଦ୍ରାପଡ଼ା, ୦୪ ଅଗଷ୍ଟ (ହି.ସ.) କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟ ରେ ଜୱାହାର ନବୋଦୟ ବିଦ୍ୟାଳୟ ପରିସର ରେ ବହୁ ସମାରୋହ ରେ ଛାତ୍ରଛାତ୍ରୀ ମାନଙ୍କ ସହିତ ପାରସ୍ପରିକ ମିଳନ (ଜେନେରାଲ ଇନ୍ଟ୍ରାକସନ) ପାଳିତ ହୋଇ ଯାଇଛି । ଜିଲ୍ଲା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ ମାନ୍ୟବର ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାଜଜ ଶ୍ରୀ ମହାନ୍ତି ନିଜ ବକ୍ତବ୍ୟରେ ଆଜିର ଛାତ୍ରଛାତ୍ରୀ ମାନେ ଆସନ୍ତାକାଲି ର ଭବିଷ୍ୟତ ଓ ସେମାନେ ନିଜେ ନିଜର ଭବିଷ୍ୟତ କୁ କିପରି ନିଜେ ସରସ ସୁନ୍ଦର ଭାବରେ ଗଢିପାରିବେ ଓ ଭବିଷ୍ୟତ ରେ ଜଣେ ଜଣେ ଭଲ ମଣିଷ ହେବେ ସେହି ସଂପର୍କରେ ଉପସ୍ଥିତ ଥିବା ବିଦ୍ୟାଳୟ ର ଶହଶହ ଛାତ୍ରଛାତ୍ରୀ ମାନଙ୍କୁ ସରଳତା ର ସହ ବହୁ ମୂଲ୍ୟ ଉପଦେଶ ଓ ମାର୍ଗ ଦର୍ଶାଇଥିଲେ । ଜିଲ୍ଲାଜଜ ଶ୍ରୀ ମହାନ୍ତି ଛାତ୍ରଛାତ୍ରୀ ମାନଙ୍କୁ ଆଇନ ବିଷୟରେ ବୁଝାଇବା ସହ କେନ୍ଦ୍ରାପଡା ଜିଲ୍ଲା କୋର୍ଟକୁ ପରିଦର୍ଶନ ରେ ଆସି ବିଚାର ବିଭାଗ ର କାର୍ଯ୍ୟକାରିତା ଓ ନିୟମାବଳୀ କୁ ଦେଖିବା ଆମନ୍ତ୍ରଣ ଦେଇଥିଲେ । ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିସାଇଲ ମ୍ୟାନ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ଜୀବନୀ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଏକ ଭିଡିଓ ଦେଖାଇବା ସହ କଠିନ ପରିଶ୍ରମ ଦ୍ୱାରା କିପରି ଜଣେ ଭଲ ମଣିହ ହୋଇପାରିବ ଓ ଏ ସମାଜର ନାମ ଦେଶର ନାମକୁ ଟେକ ରଖିବ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇ ଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ଆଇନସେବା ପ୍ରାଧିକରଣ ର ସଚିବ ସୁମିତ୍ରା ସାହୁ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଡ଼ା ଶ୍ରୀକାନ୍ତ କୁମାର ସ୍ୱାଇଁ, ଡ଼ା ଶ୍ରଦ୍ଧାଞ୍ଜଳୀ ମହାନ୍ତି, ନବୋଦୟ ବିଦ୍ୟାଳୟର ଅଧକ୍ଷ ଆର.ପି ସାହୁଙ୍କ ସମେତ ବିଚାର ବିଭାଗର ସମସ୍ତ ବିଚାରପତି ଓ ଆଇନଜୀବି ମାନେ ଉପସ୍ଥିତ ଥିଲେ ।

# ବୋଲବମ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ: ଦଶ ଆହତ

ଭୁବନ, ୦୫/୦୮ (ନି.ପ୍ର): ଭୁବନ ଥାନା ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମ ତଳସାହି ଅଂଚଳରୁ ଶ୍ରାବଣ ଭାର ପାଣି ଢ଼ାଳିବାକୁ କରମୂଳ ସ୍ଥିତ ଦୌଡେଶ୍ୱର ଅଭିମୁଖେ ଆଜି ସକାଳୁ ବାହାରିଥିଲେ । ତେବେ ଶାମଳ ଛକ ନିକଟରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଯେଉଁଥିରେ ଦଶରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଜଣେ ଗୁରୁତର ଥିବା ବେଳେ ଜଣେ ନାବାଳକଙ୍କ ହାତରେ ଗଭୀର ଆଘାତ ଲାଗିଛି । ଆହତ ବ୍ୟକ୍ତିମାନଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ପ୍ରାଥମିକ ଚିକିତ୍ସା କରାଯାଇଛି । କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଭୁବନ ନଗରପାଳ ଶୁଭେନ୍ଦୁ ସାହୁ ଡାକ୍ତରଖାନାରେ ଉପସ୍ଥିତ ହୋଇ ଆହାତମାନଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଥିଲେ ।

# ସହଯୋଗ ଫାଉଣ୍ଡେସନ୍‌ର ନୂତନ ପ୍ରକଳ୍ପ: 'ଆପଣଙ୍କୁ ଯାହା ଦରକାର ନିଅନ୍ତୁ, ଆପଣଙ୍କ ପାଖରେ ଯାହା ଅଧିକ ରଖିଛନ୍ତି ଦାନ କରନ୍ତୁ

ବଲାଙ୍ଗିର, ୦୫/୦୮ (ନି.ପ୍ର): ବଲାଙ୍ଗୀରର ପ୍ରମୁଖ ସାମାଜିକ ସଂଗଠନ ସହଯୋଗ ଫାଉଣ୍ଡେସନ୍ ଆଜି ଗୋଟିଏ ବିଶେଷ ପ୍ରକଳ୍ପ ଆରମ୍ଭ କରିଛି । ଏହି ପ୍ରକଳ୍ପ ଅଧିନରେ, ଚପଲ, ଜାମା, ସ୍କୁଲ୍ ବ୍ୟାଗ୍, ପୁସ୍ତକ, ଛତା ଓ ଶିଶୁମାନଙ୍କ ଖେଳନା ବାଂଟାଯାଇଛି । ଏହି ପ୍ରୟାସର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ ସାହାଯ୍ୟ କରିବା ଯେଉଁମାନେ ଏହି ସାମଗ୍ରୀ ଦରକାର କରୁଛନ୍ତି ଏବଂ ଯେଉଁମାନେ ଅଧିକ ରଖିଛନ୍ତି ସେମାନେ ଏହାକୁ ସହଯୋଗ ଫାଉଣ୍ଡେସନ୍ କାର୍ଯ୍ୟାଳୟକୁ ଦାନ କରିପାରିବେ ।ଏହି ପ୍ରକଳ୍ପ ବିଷୟରେ ସହଯୋଗ ଫାଉଣ୍ଡେସନ୍ ର ସାଧାରଣ ସମ୍ପାଦିକା ଶ୍ରୀମତୀ ପିଙ୍କି ମୋଦି କହିଛନ୍ତି, 'ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ମାସର ପ୍ରଥମ ରବିବାରରେ ଆୟୋଜିତ ହେବ । ଏହା ଅଧିନରେ, ଯେଉଁମାନେ ଅଧିକ କପଡା , ଖେଳନା, ଇଲେକ୍ଟ୍ରୋନିକ୍ ଆଇଟମ୍ ଅଥବା ଗୃହସାମଗ୍ରୀ ରଖିଛନ୍ତି ସେମାନେ ଏହାକୁ ଆମର କାର୍ଯ୍ୟାଳୟକୁ ଆଣି ଦାନ କରିପାରିବେ । ଅନ୍ୟପକ୍ଷରେ, ଯେଉଁମାନେ ଏହି ସାମଗ୍ରୀର ଆବଶ୍ୟକତା ଅଛି ସେମାନେ ଆସି ଏହାକୁ ଗ୍ରହଣ କରିପାରିବେ ।'ଏହି ପ୍ରକଳ୍ପର ଉଦ୍ଦେଶ୍ୟ ସମସ୍ତ ଶ୍ରେଣୀର ଲୋକମାନଙ୍କୁ ଏକତ୍ର କରିବା ଓ ସେମାନଙ୍କ ମଧ୍ୟରେ ଏକତା ଓ ସହଯୋଗ ଭାବନାକୁ ପ୍ରୋତ୍ସାହନ ଦେବା । ଶ୍ରୀମତୀ ମୋଦି କହିଛନ୍ତି, 'ଏହି ପ୍ରୟାସ ମାଧ୍ୟମରେ, ଆମେ ସେମାନଙ୍କୁ ପହଂଚାଇବାକୁ ଚେଷ୍ଟା କରୁଛୁ ଯେଉଁମାନେ ସତ ରେ ଆବଶ୍ୟକତା ଅଛି । ଆମେ ଚାହୁଁଛୁ ଯେଉଁମାନେ ଅଧିକ ରଖିଛନ୍ତି ସେମାନେ ଦାନ କରିବେ, ଯାହାଫଳରେ ଯେଉମାନଂକୁ ଦରକାର ସେମାନେ ଗ୍ରହଣ କରିପାରିବେ ।ସହଯୋଗ ଫାଉଣ୍ଡେସନ୍ ର ଏହି ପ୍ରୟାସକୁ ସମସ୍ତେ ପ୍ରଶଂସା କରୁଛନ୍ତି ଓ ଏହାକୁ ସାମାଜିକ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନାଯାଉଛି ।ସହଯୋଗ ଫାଉଣ୍ଡେସନ୍ ର ଏହି ପ୍ରକଳ୍ପ ସମସ୍ତ ଶ୍ରେଣୀର ଲୋକମାନଙ୍କ ପାଇଁ ପ୍ରେରଣାର ସ୍ରୋତ ହେବ ଓ ସାମାଜିକ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିବାହ କରିବ । ଆସନ୍ତୁ ଆମେ ସମସ୍ତେ ଏକତ୍ରିତ ହେବା ଓ ଏହି ପ୍ରୟାସକୁ ସଫଳ କରିବା ପାଇଁ ଚେଷ୍ଟା କରିବା ଓ ସାମାଜିକ ପରିବର୍ତ୍ତନ ଆଣିବା ପାଇଁ ପ୍ରଚେଷ୍ଟା କରିବା ।'ଆପଣ ଯାହା ଦରକାର, ନିଅନ୍ତୁ, ଆପଣ ଯାହା ଅଧିକ ରଖିଛନ୍ତି, ଦାନ କରନ୍ତୁ' ମନ୍ତ୍ର ନେଇ ସହଯୋଗ ଫାଉଣ୍ଡେସନ୍ ସମସ୍ତ ଶ୍ରେଣୀର ଲୋକମାନଙ୍କୁ ଏକତ୍ର କରିବା ଓ ସେମାନଙ୍କ ମଧ୍ୟରେ ସହଯୋଗ ଓ ଏକତା ଭାବନାକୁ ପ୍ରୋତ୍ସାହନ ଦେବାକୁ ପ୍ରତିବଦ୍ଧ ଅଛି ।

# ଜୀ ସାର୍ଥକ ପ୍ରସ୍ତୁତ ଚଳଚ୍ଚିତ୍ର 'ପୋଲିସ ବାବୁ ୨'ର ଅଡିଓ ଲୋକାର୍ପଣ: ଆସନ୍ତା ରବିବାର ସନ୍ଧ୍ୟା ୬:୩୦ରେ ପ୍ରସାରଣ




ଭୁବନେଶ୍ୱର, ୫/୮ (ନି.ପ୍ର): ଓଡ଼ିଶାର ଘରେ ଘରେ ପରିଚିତ, ରାଜ୍ୟର ୧ ନମ୍ବର ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକ କେବଳ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ନୁହେଁ ବରଂ ଭିନ୍ନ ଭିନ୍ନ ରୋଚକ କାହାଣୀକୁ ନେଇ ନିର୍ମିତ ଫିଲ୍ମ ଦେଇ ଓଡ଼ିଶାର ଦର୍ଶକଙ୍କ ମନ ଜିତିଛି । ଆସନ୍ତା ୧୧ ତାରିଖ ରବିବାର ସନ୍ଧ୍ୟା ୬:୩୦ ଦେଖିବେ 'ପୋଲିସ ବାବୁ ୨' କେବଳ ଜୀ ସାର୍ଥକରେ । ସମରେଶ ରାଉତରାୟ ପ୍ରଯୋଜିତ ଓ ଶୈଳେନ୍ଦ୍ର ପରିଡା ନିର୍ଦ୍ଦେଶିତ ଏହି ଫିଲ୍ମର କାହାଣୀ ଲେଖିଛନ୍ତି ଡଃ ରଜନୀ ରଞ୍ଜନ ।

ରାଜ ଜଣେ ଦୁର୍ନୀତିଗ୍ରସ୍ତ ପୋଲିସ ଅଫିସର ଯିଏ ନିଜର ବିଧବା ମା'ଙ୍କ ସହ କଟକରେ ରୁହନ୍ତି ଓ ଅଧିକା ଲାଞ୍ଚ ଲୋଭରେ ଯାଜପୁରକୁ ନିଜର ଟ୍ରାନ୍ସଫର କରିଛି । ସେଠାରେ ସେ ପାଇଛି ନିଜର ଜୀବନ ସାଥିକୁ କିନ୍ତୁ ନିଜ କର୍ମ ପାଇଁ ବିଜୁଳି ଯିଏକି ଜଣେ ଆଇନ୍ ଛାତ୍ରୀ ତାକୁ ନା ପସନ୍ଦ କରିଛି । ସମୟ କ୍ରମେ ରାଜ ଜାଣିବାକୁ ପାଇଛି ନିଜର ମା'ର ବିଧବା ହେବାର କାରଣ । କିପରି ଜଣେ ସଚ୍ଚୋଟ ପୋଲିସ ଅଫିସର ନିଜ ଜୀବନ ହାରିଛନ୍ତି ଆଉ କିଏ ତାଙ୍କୁ ମାରିଛି ? ତେବେ ରାଜ କ'ଣ ନିଜ ବାପାଙ୍କୁ ମାରିଥିବା ଲୋକଙ୍କୁ ଶାସ୍ତି ଦେଇପାରିବ ? ବିଜୁଳି ସହିତ ତା'ର ସମ୍ପର୍କ କ'ଣ ଆଗକୁ ବଢିବ ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଫିଲ୍ମର ଶେଷରେ ।

ଫିଲ୍ମର ମୁଖ୍ୟ ଭୂମିକାରେ ଅଛନ୍ତି ଓଡ଼ିଶାର ଲୋକପ୍ରିୟ କଳାକାର ମଣ୍ଟୁ, ଅନୁରାଧା ଓ ସମରେଶ ରାଉତରାୟ । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୁଡଲି ରଥ ଓ ଗୀତ ଗୁଡିକୁ ଲେଖିଛନ୍ତି ସୂର୍ଯ୍ୟ ମହାପାତ୍ର ଓ ବାପୁ ଗୋସ୍ୱାମୀ । କଣ୍ଠଦାନ କରିଛନ୍ତି ଲିପ୍ସା , କୁଳଦୀପ, ଅନନ୍ୟା, ସୁଶାନ୍ତ, ଅନୁରାଧା ଏବଂ ନେହା ନିହାରିକା ।

ଓଡ଼ିଶାର ଦର୍ଶକ ସବୁବେଳେ ଓଡ଼ିଆ ଫିଲ୍ମ ଦେଖିବାକୁ ରୁଚି ଦେଖାଉଛନ୍ତି । ବିଗତ ଦିନରେ ଜୀ ସାର୍ଥକରେ ଅନେକ ଗୁଡ଼ିଏ ସୁନ୍ଦର ଚଳଚ୍ଚିତ୍ର ମୁକ୍ତିଲାଭ କରିଛି । ଦର୍ଶକଙ୍କର ଇଚ୍ଛା ଓ ରୁଚି ଦେଖି ନିଚ୍ଛକ କାହାଣୀ ବା ୟୁନିକ କନସେପ୍ଟ ଥିବା ଫିଲ୍ମକୁ ଗୁରୁତ୍ୱ ଦେଇ ଆମେ ଆଣିଛୁ ଏହି ଫିଲ୍ମ ତେଣୁ ଏହି ଫିଲ୍ମଟି ଆମର ସବୁ ଫିଲ୍ମ ପରି ଦର୍ଶକଙ୍କ ମନ ଜିତିବ ବୋଲି ମୋର ଆଶା ଓ ବିଶ୍ୱାସ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ଶ୍ରୀ ପ୍ରତୀକ ସିଲ୍ ।

# ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ ବିଜେପି କାଉନସିଲର



ନୀଳଗିରି , ୫/୮ (ନି.ପ୍ର): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ଜିଲ୍ଲାପାଳ ଆଶିଷ ଠାକରେଙ୍କ ଠାରେ ବିଜେପିର ୧୧ଜଣିଆ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ ନୀଳଗିରି ଏନଏସି ୧୩ଗୋଟି ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ବିଗତ ପୌର ନିର୍ବାଚନରେ ସେତେବେଳର ବିଜେଡି ଦଳର ବରିଷ୍ଠ ନେତା ସନ୍ତୋଷ ଖଟୁଆଙ୍କ ଗୋଟିଚାଳନାରେ ଦଳର ୮ଜଣ କାଉନସିଲରଙ୍କ ସମେତ ଅଧ୍ୟକ୍ଷା ପଦବୀ ହାତେଇବାରେ ସଫଳ ହୋଇ କ୍ଷମତା ଦଖଲ କରିଥିଲା । ମାତ୍ର ବିଗତ ସାଧାରଣ ନିର୍ବାଚନରେ ରାଜ୍ୟରେ କ୍ଷମତା ପରିବର୍ତ୍ତନ ସହିତ ପରିବର୍ତ୍ତିତ ପରିସ୍ଥିତିରେ ସନ୍ତୋଷ ଖଟୁଆ ବିଜେପି ଦଳରୁ ବିଧାୟକ ପଦ ହାତେଇଥିଲେ ।ତାଙ୍କ ଅନୁଗତ କାର୍ଯ୍ୟକର୍ତ୍ତା ଧୀରେ ଧୀରେ ଦଳ ପରିବର୍ତ୍ତନ କରି ବିଜେପିରେ ସାମିଲ ହେଉଥିବା ଦେଖିବାକୁ ମିଳିଥିଲା । ସେହିପରି ଏନଏସିରେ ମଧ ପରିବର୍ତ୍ତନର ସୁଅ ଛୁଟିଥିଲା । ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିର ୬ଜଣ କାଉନସିଲର ବିଜେପି ଦଳୀୟ କାର୍ଯ୍ୟାଳୟରେ ସାମିଲ ହୋଇଥିଲେ । ଗତ ରବିବାର ଅନ୍ୟଜଣେ କାଉନସିଲର ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବାସଭବନରେ ବିଜେପିରେ ସାମିଲ ହେବା ପରେ ଏକ ବିରାଟ ପରିବର୍ତ୍ତନର ଆଭାସ ମିଳିଥିଲା । ସୋମବାର ୧୧ ସମର୍ଥିତ କାଉନସିଲର ଏକ ନଅଜଣିଆ ପ୍ରତିନିଧି ଦଳ ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକରେଙ୍କୁ ଭେଟି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଏହି ପ୍ରତିନିଧି ଦଳରେ ବିଧାୟକ ସନ୍ତୋଷ ଖଟୁଆଙ୍କ ସମେତ ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର, ସାଂସଦଙ୍କ ସହାୟକ ଚନ୍ଦ୍ରବିନ୍ଦୁ ଦାସ ସାମିଲ ରହିଥିଲେ ।

## ଆଉ ନାହାନ୍ତି କୋଶଳୀ ଗବେଷକ ନିମାଇଁ ଚରଣ ପାଣିଗ୍ରାହି

ବଲାଙ୍ଗିର, ୫/୮ (ନି.ପ୍ର): ପଶ୍ଚିମ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ଲୋକ କଳାର ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ଆଜି ହୃଦଘାତରେ ପରଲୋକ ହୋଇଯାଇଛି । ବନ ବିଭାଗ ଫରେଷ୍ଟର ଚାକିରିରୁ ଅବସର ନେଇଥିବା ନିମାଇଁ ବାବୁ ଗୋଟାଏ ହସ ମିଯାଜ ର ଲୋକ ଥିଲେ, ସବୁବେଳେ ହସହସ ମୁହଁରେ ସମସ୍ତଙ୍କ ସହିତ ମିଶିଥିଲେ । ତାଙ୍କ ଭିତରେ ଯେତେ ଦୁଃଖ କଷ୍ଟ ଥିଲେ ମଧ ତାହା ସେ ଅନ୍ୟକୁ ଜୀବନ ତମାମ କେହି ଠଉରାଇବା କେବେ ଦେଖା ଯାଇନାହିଁ । ଗତକାଲି ଅସୁସ୍ଥତା କାରଣରୁ ବରଗଡ଼ ବିକାଶ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ପରଲୋକ ହୋଇଯାଇଛି । ବଲାଙ୍ଗିର ନିକଟବର୍ତ୍ତୀ ୫ କିଲୋମିଟର ଦୂର ସିନ୍ଦୂର୍ବହାଲ ଗ୍ରାମ ତାଙ୍କର ପୈତୃକ ଗ୍ରାମ । ପିଲାଦିନରୁ ଗ୍ରାମରେ ରହି ପରିବେଶ ଲୋକ ଜୀବନ ତାଙ୍କର ଉପରେ ପ୍ରଭାବ ପକାଇଥିଲା । ନିଜ କର୍ମକ୍ଷେତ୍ରରେ ଦାୟିତ୍ୱ ସଙ୍ଗେ ସଙ୍ଗେ ଲୋପ ପାଇ ଯାଉଥିବା ଲୋକ ବ୍ୟବହାର ପୂରାତନ ଜିନିଷ ଗୁଡ଼ିକୁ ସଂଗ୍ରହ କରି ନିଜର ଘରେ ଏକ ସଂଗ୍ରହାଳୟ କରି ଜୀବନତମାମ ସଂଗ୍ରହ କରିବା ସହିତ ଏଥିରେ ଗବେଷଣା କରିବାକୁ ଲାଗିଥିଲେ । କୋଶଳୀ ଭାଷା ସାହିତ୍ୟର ସେ ଜଣେ ଗବେଷକ ଯାହା ସେ କରିଯାଇଛନ୍ତି ତାହା ପୂରଣ ହୋଇପାରିବ ନାହିଁ ।

# ସାନଖୁଡ଼ି ଗାଁ ରାସ୍ତା ପ୍ରତି ପଞ୍ଚାୟତର ଅଣଦେଖା: ଜିଲାପାଳଙ୍କୁ ଭେଟିଲେ ବିଜେପି ମହିଳା ମୋର୍ଚ୍ଚା

ରୂପସା, ୫/୮ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଅନ୍ତର୍ଗତ ସାନଖୁଡ଼ି ଗ୍ରାମର ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟିଛି । ବାରମ୍ବାର ଅଭିଯୋଗ ପରେ ବି ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷ ସ୍ଥାୟୀ ରାସ୍ତା ନିର୍ମାଣ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଜିଲାପାଳ ଆଶୀଷ ଠାକରେଙ୍କୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ବିଜେପି ମହିଳା ମୋର୍ଚ୍ଚାର ଏକ ଟିମ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଗ୍ରାମରେ ୨୦ ପରିବାର ବସବାସ କରନ୍ତି । ବର୍ଷାଦିନେ ମୁଖ୍ୟ ରାସ୍ତା ଖାଲଖମା ଯୋଗୁଁ କାଦୁଅ ପଚପଚ ହୋଇ ଯାତାୟତ ବାଧାପ୍ରାପ୍ତ ହୋଇଥାଏ । ଅଙ୍ଗନୱାଡ଼ି କେନ୍ଦ୍ର, ସ୍କୁଲ, କଲେଜ, ମାର୍କେଟ୍ ଓ ମେଡ଼ିକାଲ ଯିବା ଆସିବା କରିବାରେ ସମସ୍ତେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏପରିକି ଜରୁରୀ ପରିସ୍ଥିତିରେ ଗାଁ ଭିତରକୁ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ପ୍ରବେଶ କରିବାରେ ବାଧା ସୃଷ୍ଟି ହୋଇଥାଏ । ଗ୍ରାମବାସୀଙ୍କ ତରଫରୁ ଉକ୍ତ ରାସ୍ତାକୁ ପକ୍କା ରାସ୍ତା କରିବା ପାଇଁ ବାରମ୍ବାର ସରପଞ୍ଚ ଓ ବିଡ଼ିଓଙ୍କୁ ଲିଖିତ ଭାବେ ଆବେଦନ କରାଯାଇଥିଲା । ହେଲେ ପଞ୍ଚାୟତ ତରଫରୁ ଏହି ରାସ୍ତା ନିର୍ମାଣ ପାଇଁ ଅଣଦେଖା ଯୋଗୁଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ କ୍ଷ ଫଳରେ ବର୍ଷା ଦିନେ ଏହି ଗ୍ରାମର ୨ଶହରୁ ଉର୍ଦ୍ଧ୍ୱ ଲୋକେ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥାନ୍ତି କ୍ଷ ବିଜେପି ମହିଳା ମୋର୍ଚ୍ଚା ସଭାପତି ମନୋରମା ଦାସଙ୍କ ନେତୃତ୍ୱରେ ଗ୍ରାମବାସୀ ରାମଚନ୍ଦ୍ର ଦାସ, ଦୀପକ ଦାସ, ସଞ୍ଜୁଲତା ଦାସ, ଲକ୍ଷ୍ମୀମଣି ଦାସ, ଜିତୁ ଦାସ, ସନ୍ଧ୍ୟା ବେହେରା, ମଞ୍ଜୁଲତା ବେହେରା, ବିଦ୍ୟାଧର ଦାସ, କାର୍ତ୍ତିକ ଦାସ ପ୍ରମୁଖ ଶିବିରରେ ଜିଲାପାଳଙ୍କୁ ଭେଟି ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆ ନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।



# ଦେଶପ୍ରେମ ଭାବନା ଜାଗ୍ରତ ପାଇଁ ୧୦୦ ମିଟର ତ୍ରିରଙ୍ଗା ଯାତ୍ରା କରିବ ବିଜେପି ଯୁବମୋର୍ଚ୍ଚା



ବସ୍ତା , ୫/୮ (ନି.ପ୍ର): ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଯୁବପିଢିଙ୍କ ମଧ୍ୟରେ ଦେଶାତ୍ମବୋଧକ ଭାବନା ଜାଗରଣ ପାଇଁ ବିଜେପି ଯୁବମୋର୍ଚ୍ଚା ଆନୁକୂଲ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀ ରେ ଏକ 'ବିଶାଳ ତ୍ରିରଙ୍ଗା ଯାତ୍ରା' ଆୟୋଜିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛି । ଏହାର ପୂର୍ଣ୍ଣାଙ୍ଗ ରୂପ ଦେବାପାଇଁ ଆଜି ବସ୍ତା ରେଳ ଷ୍ଟେସନ ନିକଟସ୍ଥ ଦଳୀୟ କାର୍ଯ୍ୟାଳୟରେ ଜିଲ୍ଲା ଉପସଭାପତି ରାଜେନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୩ ଅଗଷ୍ଟ ଅପରାହ୍ନ ୩ଘ: ସମୟରେ ୧୦୦ ଫୁଟର ଏକ ବିଶାଳ ତ୍ରିରଙ୍ଗା ନେଇ ଏକ ଶୋଭାଯାତ୍ରା ବସ୍ତା ଷ୍ଟେସନ ବସ ଷ୍ଟାଣ୍ଡ ରୁ ବାହାରି ଗାନ୍ଧୀ ଛକ ଠାରେ ପହଞ୍ଚିବ । ସେଠାରେ ସମାଜରେ ପ୍ରତିଷ୍ଠିତ ନାଗରିକ ଓ ବୀର ସୈନିକ ଙ୍କୁ ସମ୍ମାନିତ କରାଯିବ । ଏହି ବୈଠକରେ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ରାଜେଶ ମହାପାତ୍ର, ବରିଷ୍ଠ ନେତା ବସ୍ତା ର ପ୍ରଥମ ବିଧାୟକ ପ୍ରାର୍ଥୀ ଶ୍ୟାମା ପ୍ରସାଦ ବେହେରା, ଜିଲ୍ଲା ସାଧାରଣ ସଂପାଦକ ଖଗେନ୍ଦ୍ର ନାୟକ, କୋଷାଧକ୍ଷ ସୁର ଝଙ୍କାର ସେଠୀ,ମଣ୍ଡଳ ସଭାପତି ଧିରେନ ସେଠୀ,ଚନ୍ଦନ ଭୋଳ ପ୍ରମୁଖ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ଏଥିରେ ଅଧିକରୁ ଅଧିକ ଯୁବକ ମାନଙ୍କୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ବିଶ୍ୱନାଥ ସିଂ, ବିଶ୍ୱଜିତ ନନ୍ଦ, ବିନୟ କେତନ ଜେନା, କମଳାକାନ୍ତ ବେହେରା, ଗୋକୁଳାନନ୍ଦ ଜେନା, ଆକାଶ ବେହେରା, ରାସ ବିହାରୀ ଦାସ ଅଧିକାରୀ, ସୂର୍ଯ୍ୟ ନାରାୟଣ ସାହୁ, ଶଙ୍କର ଜେନା, ନିହାର ବେହେରା, ପ୍ରକାଶ କୁଣ୍ଡୁ, ମନୋଜ ବେହେରା, ଦେବାଶିଷ ଦାସ ଅଧିକାରୀ ପ୍ରମୁଖ ଆଲୋଚନା ରେ ଭାଗ ନେଇଥିଲେ ।

## କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ବଲାଙ୍ଗିର, ୫/୮ (ନି.ପ୍ର): ବଲାଙ୍ଗିର କଲେଜ ଛକ ସ୍ଥିତ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୧୩୦ ଗୋଟି ପ୍ରକଳ୍ପକୁ ନେଇ ଛାତ୍ର ମାନେ ଭାଗ ନେଇଥିଲେ । ମୂଖ୍ୟ ଅତିଥି ଭାବରେ ଆଠଗାଁ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗଦେଇ ଉଦ୍ଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ମିଶ୍ର ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବରେ ଶିବ ପ୍ରାସାଦ ତ୍ରିପାଠୀ ବିଜ୍ଞାନର ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ସଭାପତି ତ୍ରିବିକ୍ରମ ଦାଶ, ଉପସଭାପତି ଗୋଦାବରୀଶ ମିଶ୍ର ଶିଶୁମାନଙ୍କୁ ବିଜ୍ଞାନର ମହତ୍ୱ ଉପରେ କହିଥିଲେ । ସମ୍ପାଦକ ନୀଳାଚଳ ଚିର୍ଗୁନ ଧନ୍ୟବାଦ୍ ଅର୍ପଣ କରିଥିଲେ । ବିଚାରକ ଭାବରେ ସରୋଜ ମିଶ୍ର, ରାଜାରାମ ପୁରୋହିତ, ଅଙ୍ଗିରା ସାହୁ, ଚପଳା ମିଶ୍ର, ମୀନା ସରାଫ ଜୟରାମ ଭୋଇ ସହଯୋଗ କରିଥିଲେ ।


**AFFIDAVIT**

An affidavit before the Executive Magistrate Balasore, I, Subhadipta Nayak, D/o- Ramakanta Nayak, At/po- Kusuda, P.s.- Kamarda, Dist- Balasore now at present W/o- Utpala Nanda Moapatra, At- Gopalmadhab, Po- Paliabindha, P.s- Tihidi, Dist- Bhadrak declare that prior to my marriage I was known as Subhadipta Nayak D/o Ramakanta Nayak. But after married to Utpala Nanda Mohapatra, S/o- Jogendra Nanda Mahapatra as per Hindu law. My name has been changed as per the title of my husband from Subhadipta Nayak to Subhadipta Mohapatra. Both Subhadipta Nayak and Subhadipta Mohapatra is one and same person. Henceforth I will be known as Subhadipta Mohapatra in all purpose.

*Subhadipta Nayak*


## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ବାଂଲାଦେଶରେ ହସିନା...

ସ୍ୱାଗତ କରିଥିଲେ । ଏଠାରୁ ସେ କଡ଼ା ସୁରକ୍ଷାବଳୟ ମଧ୍ୟରେ ଦିଲ୍ଲୀର ଅନ୍ତର୍ଜାତୀୟ ବିମାନବନ୍ଦରକୁ ଯିବେ । ସେଠାରେ ସେ ଲଣ୍ଡନ ଯିବାର କାର୍ଯ୍ୟକ୍ରମ ରହିଛି । ବ୍ରିଟେନରେ ସେ ରାଜନୀତିକ ଆଶ୍ରୟ ପାଇଁ ଆବେଦନ କରିବେ । ଏହାପୂର୍ବରୁ ଦେଶର ସ୍ଥିତି ସମ୍ପର୍କରେ ସେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ କଥା ହୋଇଛନ୍ତି । ଦୁଇ ଜଣଙ୍କ ମଧ୍ୟରେ ଏୟାରବେସ୍ ନିକଟରେ ବେଶ କିଛି ସମୟ କଥାବାର୍ତ୍ତା ହୋଇଥିଲା । ଅନ୍ୟପପକ୍ଷରେ ବାଂଲାଦେଶ ସ୍ଥିତି ସମ୍ପର୍କରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ଅବଗତ କରାଇଛନ୍ତି । ରାହୁଲଙ୍କ ସହ ଜୟଶଙ୍କର ବିସ୍ତୃତ ଭାବେ ଘଟଣା ସମ୍ପର୍କରେ କଥା ହୋଇଥିବା କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ବାଂଲାଦେଶ ସ୍ଥିତି ସମ୍ପର୍କରେ ଅବଗତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବୈଠକ ଡାକିଛନ୍ତି । ସୁରକ୍ଷା କ୍ୟାବିନେଟରେ ଥିବା ସମସ୍ତ ମନ୍ତ୍ରୀ ଓ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ । ବାଂଲାଦେଶରେ ଅରାଜକତା ବୃଦ୍ଧି ପାଇଥିବାରୁ ଏହା ଭାରତ ଉପରେ ପଡ଼ିବାର ଆଶଙ୍କା ରହିଛି । କାରଣ ଭାରତର ସୀମାକୁ ବାଂଲାଦେଶ ଲାଗିଛି । ତେଣୁ ମୋଦି ସୁରକ୍ଷା କ୍ୟାବିନେଟରେ ଏନେଇ ବିସ୍ତୃତ ଭାବେ ଆଲୋଚନା କରିଥିବା ଜଣାପଡ଼ିଛି । ସୀମା ସୁରକ୍ଷା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି ।

ବାଂଲାଦେଶରେ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ବାଂଲାଦେଶରେ ଦୀର୍ଘ ଦିନ ଧରି କ୍ଷମତାରେ ଥିବା ଶେଖ୍ ହସିନା ସୋମବାର ହିଂସାତ୍ମକ ଛାତ୍ର ଆନ୍ଦୋଳନ ପରେ ଦେଶ ଛାଡ଼ି ପଳାୟନ କରିବାକୁ ବାଧ ହୋଇଛନ୍ତି । ଶେଖ୍ ହସିନା ବାଂଲାଦେଶ ଛାଡ଼ି ଗାଜିଆବାଦର ହିଣ୍ଡୋନ୍ ବିମାନବନ୍ଦରରେ ପହଞ୍ଚିଛନ୍ତି । ଅନ୍ୟପକ୍ଷରେ ବାଂଲାଦେଶର ସ୍ଥିତି ପଛରେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇର ହାତ ଥିବା କୁହାଯାଉଛି । ଦେଶରେ ହିଂସା କାଣ୍ଡ ଘଟାଇବା ପଛରେ ଷ୍ଟୁଡେଣ୍ଟ କ୍ୟାମ୍ପ ନାମକ ଏକ ସଂଗଠନର ନାମ ସାମ୍ନାକୁ ଆସୁଛି । ଏହା ବାଂଲାଦେଶରେ ନିଷିଦ୍ଧ ଜମାତ-ଏ-ଇସଲାମିର ଏକ ଅଂଶ ଏବଂ ଜମାତ-ଏ-ଇସଲାମିକୁ ପାକିସ୍ତାନର ଗୁଇନ୍ଦା ଏଜେନ୍ସି ସମର୍ଥନ କରୁଛି । ଆଉ କେତେକ ବିଶେଷଜ୍ଞଙ୍କ ଅନୁସାରେ ଏହି ବିଦ୍ରୋହ ପଛରେ ଆମେରିକାର ସିଆଇଏର ଭୂମିକା ବି ରହିଛି । ଦେଶରେ ହିଂସାକୁ ଦୃଷ୍ଟିରେ ରଖି ଶେଖ ହସିନା ସରକାର ଜମାତ-ଏ-ଇସଲାମି, ଏହାର ଛାତ୍ର ସଂଗଠନ ଏବଂ ଅନ୍ୟାନ୍ୟ ସଂଗଠନଉପରେ ପ୍ରତିବନ୍ଧକ ଲଗାଇବାର କିଛି ଦିନ ପରେ ଏହି ପଦକ୍ଷେପ ନିଆଯାଇଛି । ସରକାରଙ୍କ ଏହି ପଦକ୍ଷେପ ବିରୋଧରେ ଜମାତ-ଏ-ଇସଲାମି ଓ ଏହାର ସମସ୍ତ ସଂଗଠନ ରାଜରାସ୍ତାକୁ ଓହ୍ଲାଇଥିଲେ । ଜମାତ-ଏ-ଇସଲାମି ଏକ ଉଗ୍ରବାଦୀ ସଂଗଠନ ।

### ୫୦୦୦ ଲୋକଙ୍କ...

ସଙ୍ଗେ ସଙ୍ଗେ ଜିଲ୍ଲାପାଳଙ୍କୁ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏମିତି ଅନେକ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନିଜର ସମସ୍ୟା ସମାଧାନ କରିବା ପାଇଁ ଆସିଥିଲେ । ମୁଖ୍ୟମନ୍ତ୍ରୀଙ୍କଠାରୁ ଆଶ୍ୱାସନା ପାଇ ଆଶା ଓ ଭରସାର ସହିତ ଖୁସି ମନରେ ଘରକୁ ଫେରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମେତ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଭିଜିଲାନ୍ସ ଜାଲରେ ଓବିସିସିର...

ଘରେ ପହଞ୍ଚି କଟକ ଡିଭିଜନ ଏସ୍‌ପି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୧୨ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚାଲିଛି ଚଢ଼ଉ । ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ କଟକ ବାରବାଟୀ ଷ୍ଟାଡିୟମରେ ଥିବା କାର୍ଯ୍ୟାଳୟ ସମେତ କଟକ, ଭୁବନେଶ୍ୱର, ଭଦ୍ରକ, ଯାଜପୁର ଓ ଖୋର୍ଦ୍ଧାର ୧୨ଟି ଠିକଣାରେ ଖୋଳତାଡ଼ କରୁଛନ୍ତି ଭିଜିଲାନ୍ସ ଟିମ୍ ।

### ରତ୍ନଭଣ୍ଡାରର ହେବ...

ଏନେଇ ସରକାରଙ୍କ ଅନୁମୋଦନ ପରେ କାର୍ଯ୍ୟକାରି କରାଯିବ । ଅଭଡ଼ା ଯୋଜନାରେ ଆସିଥିବା ୩୫ଟି ଏସି ମିନି ଇ-ବସ ଓଏସଆରଟିସିଙ୍କୁ ହସ୍ତାନ୍ତର କରାଯିବା ନେଇ ବେଠକରେ ଆଲୋଚନା ହୋଇଛି । ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇ ଏସମ୍ପର୍କରେ ନିଷ୍ପତ୍ତି ନିଆଯିବ । ଅର୍ପଣ ଚାଉଳ ନେଇ ସମ୍ପୃକ୍ତ ନିଯୋଗଙ୍କ ସହ ଆଲୋଚନା କରାଯାଇ ଏ ସମ୍ପର୍କରେ ସରକାରଙ୍କୁ ଉପଯୁକ୍ତ ପ୍ରସ୍ତାବ ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଛି ।

### ଓଡ଼ିଆ ପାଠ ପଢୁଛନ୍ତି ...

ଅଧିକାରୀଙ୍କ ପାଇଁ ଉପଲବ୍ଧ କରିବାକୁ ସରକାର ଚେଷ୍ଟା କରୁଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ସୂଚନାରୁ ପ୍ରକାଶ, ଓଡ଼ିଆ ଭାଷାରେ ସରକାରୀ ନଥି କାମ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ସେଥିପାଇଁ ରାଜ୍ୟର ସବୁ ଥାନା, ପଞ୍ଚାୟତ, ବ୍ଲକ ଅଫିସ୍, ଜିଲ୍ଲା ପରିଷଦ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଗୁଡ଼ିକୁ ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା । ସେହିପରି ରାଜ୍ୟ ପୁଲିସ ଡିଜିଙ୍କ କାର୍ଯ୍ୟାଳୟ ମଧ ସମସ୍ତ ପୁଲିସ ଏସ୍‌ପି ଓ ପୁଲିସ ପ୍ରତିଷ୍ଠାନର ମୁଖ୍ୟଙ୍କୁ ସରକାରୀ ନଥିକାର୍ଯ୍ୟ ଓଡ଼ିଆ ଭାଷାରେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

### ସ୍କୁଲ୍ ଯିବା ବେଳେ ...

ସେମାନଙ୍କୁ ଟ୍ରକ୍ ଚାପିଦେଇଥିଲା । ଏହାଫଳରେ ତିନିଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା । ଏମାନେ ସମସ୍ତେ ଆଜାଦ ବସ୍ତିର ବାସିନ୍ଦା ବୋଲି ଜଣାଯାଇଛି । ଏଣେ ଦୁଇ ନାବାଳକ ପ୍ରଥମ ଶ୍ରେଣୀର ଛାତ୍ର । ଦୁର୍ଘଟଣା ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଛି ।

### ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ...

ଡେଷ୍ଟ୍ରୋରୟର, ଫାଇଟର ଜେଟ ମୁତୟନ କରିଛି । ସେପଟେ ତେଲ ଆଭିଭରେ ପହଁଚିଛନ୍ତି ଆମେରିକାର ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଜେନେରାଲ ମାଇକେଲ କୁରିଲା । ଏଥିସହ 'ଜି ସେଭନେ'ର ବୈଦେଶିକମନ୍ତ୍ରୀଙ୍କ ସହ ସମ୍ଭାବ୍ୟ ଯୁଦ୍ଧକୁ ନେଇ ଆଲୋଚନା କରିଛି ଆମେରିକା । ଇସ୍ରାଏଲ ଉପରେ ଇରାନ ଯେଉଁ ତିନୋଟି ରାସ୍ତା ଦେଇ ଆକ୍ରମଣ କରିପାରେ ସେଗୁଡିକ ମଧ୍ୟରେ ପ୍ରଥମଟି ହେଉଛି ଭୂମଧ୍ୟ ସାଗର । ଦ୍ୱିତୀୟଟି ହେଉଛି ଲୋହିତ ସାଗର । ତୃତୀୟ ହେଉଛି ଆଦାନ ମଧ୍ୟପ୍ରାଚ୍ୟ ଅଂଚଳ । ତେଣୁ ଏଠାରେ ଶକ୍ତିଶାଳୀ ଯୁଦ୍ଧ ଜାହାଜ ମୁତୟନ କରି ଏହାକୁ ଅବରୋଧ କରି ଜଗି ରହିଛି ଆମେରିକା । ଏହି ଆଶଙ୍କା ମଧ ରହିଛି ଯେ ମଧ୍ୟପ୍ରାଚ୍ୟ ଆବ୍ରାହାମ ଆଲାଏନ୍ସ ଓ ପ୍ରତିରୋଧ ବାହୀନି ମଧ୍ୟରେ ବଡ ସଂଘର୍ଷ ହୋଇପାରେ । ଆବ୍ରାହମ ଆଲାଏନ୍ସ ହେଉଛି ଇସ୍ରାଏଲର ଏକ ଆଂଚଳିକ ମେଂଟ । ଏହାର ମୂଳକାମ ଇସ୍ରାଏଲ ସମର୍ଥିତ ଦେଶଙ୍କୁ ଏକାଠି ରଖିବା । ଇସ୍ରାଏଲ ବିରୋଧରେ ଇରାନ, ହମାସ ଓ ହିଜବୁଲ୍ଲା,ହୁତି ମିଳିତ ରଣହୁଙ୍କାର ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧର ଆଶଙ୍କା ବଢ଼ାଇଦେଇଛି । ସେପଟେ ନିଜ ଦେଶ ଉପରେ ଆକ୍ରମଣ ଆଶଙ୍କାକୁ ଦେଖି ଇସ୍ରାଏଲ ପ୍ରଥମେ ଇରାନ ଉପରେ ଆକ୍ରମଣ କରିବା ସମ୍ଭାବନା ମଧ ରହିଛି । ଚର୍ଚ୍ଚା ହେଉଛି ଇସ୍ରାଏଲ ନିଜ ଦେଶକୁ ରକ୍ଷା କରିବାକୁ ୨୦ବର୍ଷ ପୂର୍ବରୁ ପ୍ରସ୍ତୁତି କରିସାରିଛି । ଯୁଦ୍ଧ ଆଶଙ୍କାକୁ ଦୃଷ୍ଟିରେ ୨୦ବର୍ଷ ପୂର୍ବରୁ ବଙ୍କର ନିର୍ମାଣ କରିଛି ଇସ୍ରାଏଲ । ତେଲ ଅଭିଭରେ ଏକ ଶକ୍ତିଶାଳୀ ବଙ୍କର ନିର୍ମାଣ ରହିଛି ।ଯାହା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରକୁ ଏହା ପ୍ରତିରୋଧ କରିପାରେ ।ଏହାର ନାଁ ନ୍ୟାଶନାଲ ମ୍ୟାନେଜମେଂଟ ସେଂଟର ଓ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରାଳୟର ଗୁରୁତ୍ୱପୂର୍ଣ୍ଣ ଭାଗ ଅଟେ । ରୁଷ-ୟୁକ୍ରେନ ,ହମାସା ପାଲେଷ୍ଟାଇନ ଯୁଦ୍ଧରେ ନାଟୋ ହସ୍ତକ୍ଷେପ କରିଥିବାବେଳେ ଏବେ ଇସ୍ରାଏଲ-ଇରାନ ଯୁଦ୍ଧ ଆଶଙ୍କାରେ ମୁହଁଫିଟାଇନି ନାଟୋ । ତେଣୁ ଆଗକୁ ନାଟୋ କ'ଣ କରୁଛି ତା ଉପରେ ନଜର

### ଦିଲ୍ଲୀ ସରକାରଙ୍କୁ ...

କରିବା ଅର୍ଥ ହେଉଛି ଯେ ସେ ନିର୍ବାଚିତ ପୌରସଂସ୍ଥାକୁ ଅସ୍ଥିର କରି ପାରିବେ । ଗଡଉରେ ୨୫୦ ନିର୍ବାଚିତ ଏବଂ ୧୦ଜଣ ମନୋନୀତ ସଦସ୍ୟ ଅଛନ୍ତି । ଡିସେମ୍ବର ୨୦୨୨ରେ, ମ୍ୟୁନିସିପାଲିଟି କର୍ପୋରେସନ୍ ନିର୍ବାଚନରେ ଆପ୍ ୧୩୪ଟି ୱାର୍ଡ ଜିତିଥିଲା ଏବଂ ଗଡଉ ରେ ଭାରତୀୟ ଜନତା ପାର୍ଟି (ବିଜେପି) କୁ ପରାସ୍ତ କରିଥିଲା । ୯ଟି ସିଟ୍ ହାତେଇ କଂଗ୍ରେସ ତୃତୀୟ ସ୍ଥାନରେ ଥିଲା ।

### ଉତ୍ତରପ୍ରଦେଶରୁ ...

ଆଳୁ ପହଞ୍ଚାଇଲୁ ବୋଲି ମନ୍ତ୍ରୀ କହିଛନ୍ତି । ଆଳୁ ଦର ବଢ଼ିବା ନେଇ ମନ୍ତ୍ରୀ କହିଛନ୍ତି, କେବଳ ଓଡ଼ିଶାରେ ନୁହେଁ । ସମଗ୍ର ଦେଶରେ ଆଳୁ ରେଟ୍ ଅଧିକା ରହିଛି । ଏହି ସିଜିନରେ ଆଳୁ ରେଟ୍ ଟିକେ ଅଧିକ ରହିଥାଏ । ଉତ୍ତରପ୍ରଦେଶରେ ଆଳୁ ରେଟ୍ କମିଲେ, ଓଡ଼ିଶାରେ ଦର କମିବ । ବର୍ତ୍ତମାନ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ ଆଳୁ ଅଛି । ଧୀରେଧୀରେ ଆଳୁ ରେଟ୍ କମିବ ବୋଲି ମନ୍ତ୍ରୀ କହିଛନ୍ତି । ପଶ୍ଚିମବଙ୍ଗ ଆଳୁ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଆଳୁ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହା ସତ୍ତ୍ୱେ ବିବାଦ ସମାଧାନ ହେଲାନାହିଁ । ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ ଟ୍ରକ୍ ଗୁଡ଼ିକୁ ଅଧା ରାସ୍ତାରେ ଅଟକା ଯାଉଛି । ପଶ୍ଚିମବଙ୍ଗ ପୁଲିସ୍ ଆଳୁ ଟ୍ରକ ଅଟକାଇ ୨୦ରୁ ୪୦ ହଜାର ଟଙ୍କା ଲେଖାଏଁ ଚାନ୍ଦା ଆଦାୟ କରୁଛି । ଯେଉଁଥିପାଇଁ ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ ଓଡ଼ିଶାରେ ଅଧିକ ପଡୁଛି ବୋଲି ମନ୍ତ୍ରୀ କହିଛନ୍ତି ।

# ଓଡିଶା ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧିର ଅଭ୍ୟାସ ତାଲିମ ଶିବିର

ବଡ଼ସାହି , ୫/୮ (ନି.ପ୍ର): ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧି ପୂର୍ବ ଓଡିଶାର ବାର୍ଷିକ ଏକ ଦିବସୀୟ ଅଭ୍ୟାସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନୟାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରାନ୍ତ ସଂଯୋଜକ ବଳରାମ ଦାସଙ୍କର ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅଭ୍ୟାସ ପ୍ରଶିକ୍ଷଣରେ ମୁଖ୍ୟ ପ୍ରଶିକ୍ଷକ ଭାବରେ ଅଖିଳ ଭାରତୀୟ ଶିକ୍ଷଣ ସଂସ୍ଥାନ ପ୍ରମୁଖ ଡ଼କ୍ଟର ଅନିଲଜୀ ଯୋଗଦାନ କରି ସାମ୍ପ୍ରତିକ ସମୟରେ ବୃକ୍ଷ ରୋପଣ, ଜଳ ସଂରକ୍ଷଣ ଏବଂ ପ୍ଲାଷ୍ଟିକ ବର୍ଜନ ର ଆବଶ୍ୟକତା ଏବଂ ଉପାଦେୟତା ବିଷୟରେ ଲୋକମାନଙ୍କୁ ସଚେତନ କରିବା ପାଇଁ ତାଲିମ ପ୍ରଦାନ କରି ଥିଲେ । ସୋସିଆଲ ମିଡ଼ିଆର ସଂଯୋଜକ ପ୍ରଭଞ୍ଜନ ମହାପାତ୍ର ଦୃଷ୍ଟାନ୍ତ ମୂଳକ କାମ କରୁଥିବା ପରିବେଶପ୍ରେମୀ ମାନଙ୍କର କାମକୁ ଲୋକ ଲୋଚନକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ । ଡ଼କ୍ଟର ସୁବୋଧ କର୍ଣ ପ୍ଲାଷ୍ଟିକ ଜରୀ, ପଲିଥିନର କୁ ପରିଣାମ ବିଷୟରେ ଆଲୋଚନା କରିଥିଲେ । ଡ଼କ୍ଟର ହେମନ୍ତ କୁମାର ମେହେର ଜଳ ସଂରକ୍ଷଣ ଏବଂ ରମେଶ ଚନ୍ଦ୍ର ମିଶ୍ର ବୃକ୍ଷ ରୋପଣ ଏବଂ ରେଞ୍ଜ ଅଫିସର ବିଭୁରଞ୍ଜନ ରାୟ ଜଙ୍ଗଲ, ଜମି, ଜନ୍ତୁ ଜନ ପରସ୍ପର ନିର୍ଭରଶୀଳ ପ୍ରସଙ୍ଗରେ ଶିକ୍ଷା ପ୍ରଦାନ କରିଥିଲେ । ଡ଼କ୍ଟର ରମାକାନ୍ତ ମହାନ୍ତ ଶିମିଳିପାଳ ସୁରକ୍ଷା,ଜୀବନ ରକ୍ଷା ବିଷୟରେ ସମସ୍ତଙ୍କୁ ସଚେତନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ମୟୁରଭଞ୍ଜ ଜିଲ୍ଲାରୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟର ଅଧ୍ୟାପିକା ମାମିନା ମହାନ୍ତ, ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ଖଣ୍ଡା, ଡ଼ା. ଧ୍ରୁବ ଚରଣ ପ୍ରଧାନ, ଚକ୍ର ଧର ମହାନ୍ତ, ପ୍ରଦୀପ କୁମାର ମହାନ୍ତ, ଭାବତୋଷ ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ଝୁମର ରାଣୀ ବିନ୍ଦୁମତୀ ପରିବେଶ ସଂଗୀତ ପରିବେଷଣ କରି ସମସ୍ତଙ୍କୁ ପର୍ଯ୍ୟାବରଣ ସଂରକ୍ଷଣ ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ମୟୁରଭଞ୍ଜ ବିଭାଗ ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧି ସଂଯୋଜକ ନଳିନୀ କାନ୍ତ ମହାନ୍ତ । ଏଥିରେ ପୂର୍ବ ଓଡିଶାର ୧୯ ଟି ଜିଲ୍ଲାର ମୋଟ ୭୬ ଜଣ ପର୍ଯ୍ୟାବରଣ ପ୍ରେମୀ ଯୋଗଦାନ କରିଥିଲେ ।

# ନ୍ୟାୟ ଆଶାରେ ଅନ୍ନପୂର୍ଣ୍ଣା: ନଅ ବର୍ଷ ହେବ ସ୍ୱାମୀ ନିଖୋଜ



ନୀଳଗିରି, ୫/୮ (ନି.ପ୍ର): ନୀଳଗିରି ବ୍ଲକ ଆରବନ୍ଧ ପଞ୍ଚାୟତ ଶାଳଡହର ଗ୍ରାମର ଅନ୍ନପୂର୍ଣ୍ଣା ଧଡାଙ୍କ ସ୍ୱାମୀ କରୁଣାକର ଧଡା ଦୀର୍ଘ ୯ ବର୍ଷ ହେବ କାର୍ଯ୍ୟରତ ସମୟରେ ନିଖୋଜ ହୋଇଯାଇଥିବାରୁ ସ୍ୱାମୀଙ୍କୁ ଅନାଇ ବସିଛନ୍ତି ସ୍ତ୍ରୀ ଓ ଦୁଇ ଶିଶୁ ।ସୂଚନା ମୁତାବକ କରୁଣାକର ମୟୁରଭଞ୍ଜ ଜିଲ୍ଲା କୁଣ୍ଡାବାଇ ସ୍ଥିତ ଶ୍ରୀ ରାମଚନ୍ଦ୍ରପୁର ଡାକ୍ତରଖାନାରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବରେ କାର୍ଯ୍ୟ କରୁଥିଲେ ।ସେ ୨୦୦୭ ମସିହାରୁ ଉକ୍ତ ମେଡିକାଲରେ କାର୍ଯ୍ୟରତ ଥିବା ବେଳେ ୨୦୧୫ ମସିହା ଫେବୃଆରୀ ୫ ତାରିଖରେ ନିଜ ଘରୁ ଉକ୍ତ ମେଡିକାଲକୁ ନିଜ କାର୍ଯ୍ୟରେ ଯାଇଥିଲେ । ସେବେ ଠାରୁ କୁଆଡେ ନିଖୋଜ ହୋଇଯାଇଥିଲେ। ସେ ସମୟରେ ଏ ନେଇ କୁଣ୍ଡାବାଇ ଫାଣ୍ଡି, ଉଦଳା ଥାନା ଓ ବରହମପୁର ଥାନାରେ ପୃଥକ ପୃଥକ ମାମଲା ରୁଜୁ କରାଯାଇଥିଲେ ବି ଏଯାବତ କରୁଣାକରଙ୍କ କୌଣସି ଖୋଜ ଖବର ମିଳିନାହିଁ। ପର ଘରେ କାମ କରି ଦୁଇ ପୁତ୍ର ସନ୍ତାନକୁ ଚଳାଇବା ସହିତ ସ୍ୱାମୀଙ୍କୁ ନପାଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅନ୍ନପୂର୍ଣ୍ଣା। କରୁଣାକର ନ ମିଳିବା ପର୍ଯ୍ୟନ୍ତ ଉକ୍ତ ଡାକ୍ତରଖାନାରେ ଯଦି ଅନ୍ନପୂର୍ଣ୍ଣାଙ୍କୁ ନିଯୁକ୍ତି ମିଳନ୍ତା ତେବେ ଦୁଇ ଓଳି ପେଟକୁ ମୁଠାଏ ଦାନା ଯୋଗଡିବା ସହିତ ଦୁଇ ସନ୍ତାନଙ୍କୁ ପାଠ ପଢାଇବାରେ ସୁବିଧା ହୁଅନ୍ତା ବୋଲି ପରିବାର,ପାଖ ପୋଡ଼ଶୀ ସମେତ ଅଞ୍ଚଳବାସୀ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ସଂପର୍କିତ ଆଇନ୍ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୫/୮ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସିନ୍ଦୋଳ ଗ୍ରାମପଞ୍ଚାୟତ ତିହିଡ଼ି, ଭଦ୍ରକ ଠାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କିତ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ପ୍ରାଧିକରଣ ଭଦ୍ରକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ଲାବନ ପଣ୍ଡା, ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ, ତିହିଡ଼ି, ନିହାର ରଞ୍ଜନ ରାଉତ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ତିହିଡ଼ି, ନାରାୟଣ ପ୍ରସାଦ ବେହେରା, ମୁଖ୍ୟ ଏଲ୍.ଏ.ଡ଼ି.ସ୍.ସି.ଏସ୍., ଭଦ୍ରକ, ଡଃ ତାପସ କୁମାର ମହାନ୍ତି ଓ ମହମ୍ମଦ ଅଲ୍ଲି ତାହେର, ସହାୟକ ଏଲ୍.ଏ.ଡ଼ି.ସି.ଓ., ଭଦ୍ରକ, ରଞ୍ଜୁଲତା ଗାହାଣ, ପି,ଏଲ୍.ଭି., ଭଦ୍ରକ, ସୁପ୍ରଭା ପାଣି, ସରପଞ୍ଚ, ସିନ୍ଦୋଳନ ଗ୍ରାମପଞ୍ଚାୟତ, ତିହିଡ଼ି, ଭଦ୍ରକ ଦିନବନ୍ଧୁ ମହାନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ତିହିଡ଼ି ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଯାହାକି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ଆବଶ୍ୟକ, ସେସବୁ ଯୋଜନା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କର୍ମଚାରୀ ତଥା ସିନ୍ଦୋଳ ଗ୍ରାମପଞ୍ଚାୟତରେ ୭୦ ରୁ ଉର୍ଦ୍ଧ୍ୱ ସାଧାରଣ ଲୋକ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଖଇରା ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଖଇରା, ୫/୮ (ନି.ପ୍ର): ଖଇରା ବ୍ଲକ ଅଧୀନ ନଟାପଡା ଛକସ୍ଥିତ ଶିଶୁମନ୍ଦିରରେ ସୋମବାର ଦିନ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି ।ଉଦଯାପନୀ ସଭାରେ ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସ ଅଧ୍ୟକ୍ଷତା କରିଥିବା ବେଳେ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟଅତିଥି ଓ ସିଆରସିସି ଲକ୍ଷ୍ମଣ ସେନ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୁନି ବୈଜ୍ଞାନିକ ମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ । ପରେ ଶିଶୁ ଓ ବାଲବର୍ଗରେ ବିଜ୍ଞାନ ପ୍ରଶ୍ନମ, ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ, ପତ୍ରବାଚନ, ଗଣିତ ପ୍ରଶ୍ନମ, ପ୍ରୟୋଗ, ପ୍ରକଳ୍ପ ପତ୍ରବାଚନ, ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ ପପ୍ରେଯାଗିତାରେ ୧୦୫ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଶ୍ରୀୟା ସେବନ୍ତୀ ସ୍ୱାଇଁ, ଶୁଭଲକ୍ଷ୍ମୀ ପ୍ରଧାନ, ହିତାଂଶୀ ନନ୍ଦ, ଜୈବିକ ନାୟକ,ଅନିମେଶ ସାହୁ, ବେଦାଂଶୀ ସ୍ୱାଇଁ, ଆନଭି ଦାସ, କିର୍ତ୍ତୀକା ଲେଙ୍କା, ଆୟୁଷ ରାଉତ, ମୁକେଶ ମହାନ୍ତି, ଗାୟତ୍ରୀ ମହାଲିକ, ଶୁଭାଦିତ୍ୟ ମହାନ୍ତି, ସାନଭି ମିଶ୍ର, ଅଭିଲିପ୍ସା ପାଲ, ରୁଦ୍ରପ୍ରକାଶ ନାୟକ, ହିତେଶ ମହାନ୍ତି, ରାଜଲକ୍ଷ୍ମୀ ନାୟକ, ମାନସ ବେହେରା ପ୍ରମୁଖ ସୋର ସଂକୁଳ ସ୍ତରରେ ଅଂଶ ଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମେଳା ପରିଚାଳନାରେ ସହଯୋଗ କରିଥିଲେ ।

## ଶ୍ରୀ ଲୋକନାଥଙ୍କୁ ଜଳଲାଗି କଲେ ହଜାର ହଜାର କାଉଡ଼ିଆ

ପୁରୀ, ୫/୮ (ନି.ପ୍ର): ଶ୍ରାବଣର ତୃତୀୟ ସୋମବାରରେ ଆଜି ଜଳଲାଗି ପାଇଁ ଶ୍ରୀ ଲୋକନାଥ ପୀଠରେ ହଜାର ହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତଙ୍କ ସମାଗମ ହୋଇଛି। ଜଳଲାଗି ପାଇଁ ଟିକେଟ୍ କରି କାଉଡ଼ିଆ ଭକ୍ତ ମାନେ ବ୍ୟାରିକେଡ୍ ରେ ଧାଡିରେ ଯାଇ ବାବା ଲୋକନାଥଙ୍କୁ ଜଳଲାଗି କରୁଛନ୍ତି । ଭୋରରୁ ଠାକୁରଙ୍କ ମଙ୍ଗଳଆଳତି ପରେ ମଇଲମ ଓ ଅବକାଶ ନୀତି ସମ୍ପନ୍ନ ହୋଇଥିଲା । ଏହାପରେ କାଉଡ଼ିଆଙ୍କ ଉଦ୍ଦେଶ୍ୟରେ ଦ୍ୱାର ଖୋଲିଛି। କାଉଡ଼ିଆ ଭକ୍ତ ମାନେ ଲମ୍ବା ଧାଡିରେ ଯାଇ ରୋଷଘର ପଛ ଦେଇ ମନ୍ଦିରରେ ପ୍ରବେଶ କରିବା ସହ ଜଳଲାଗି କରି ଫେରୁଛନ୍ତି । ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜଳଲାଗି ପରେ ନୀତି ପାଇଁ କିଛି ସମୟ ବନ୍ଦ ରହିବ । ନୀତି ସମାପ୍ତ ପରେ ଦର୍ଶନ ଓ ଜଳଲାଗି ପହୁଡ଼ ପର୍ଯ୍ୟନ୍ତ ଚାଲିବ। କାଉଡ଼ିଆ ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସେବାୟତ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

# ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟତ୍ରୀ ବାର୍ଷିକ ସମ୍ମିଳନୀ




ମୟୂରଭଞ୍ଜ, ୫/୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟତ୍ରୀ ବାର୍ଷିକ ସମ୍ମିଳନୀ,୨୦୨୪ ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ବାର୍ଷିକ ବିବରଣୀ ପଠନ କରିଥିଲେ ଓ ଆଗକୁ ଅନୁଷ୍ଠିତ ହେବାକୁ ଥିବା ସମସ୍ତ ବ୍ଲକ ଏବଂ ଜିଲ୍ଲାସ୍ତରୀୟ ଦୌଡ଼କୁଦ, କ୍ରୀଡା ସମ୍ବନ୍ଧୀୟ ସମସ୍ତ ନିୟମ ସୂଚାଇ ଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଙ୍ଘ ର ସଭାପତି ସୁଧାରଞ୍ଜନ ମହାକୁଡ଼, ଉପସଭାପତି ସନ୍ତୋଷ ମୁଖୀ ଓ ସମ୍ପାଦକ ମିନତୀ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷୟତ୍ରୀ ପୁଷ୍ପଲତା ସାହୁ ଙ୍କ ସଂଯୋଜନା ରେ ଏମ.କେ.ସି ଉଚ୍ଚ ବିଦ୍ୟାଳୟ ର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ଏମ.କେ.ସି ଉଚ୍ଚ ବିଦ୍ୟାଳୟ ର ପିଇଟି ସୋନାଲି ପରିଡା,ସେଣ୍ଟ୍ରାଲ ଅଫିସିୟାଲ ହରିଶ୍ଚନ୍ଦ୍ର ରାଉତ, କେଶବ ବେହେରା, ପଙ୍କଜ ବେହେରା, ବୀରେନ୍ଦ୍ର ଦଳେଇ, ଅବନୀ ଭଞ୍ଜ, ପ୍ରଦୀପ ଚୌଧୁରୀ, କ୍ଷୀରୋଦ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଅବକାରୀ ଜାଗା ବିବାଦ ତୁଟିଲା: ଅନାବାଦୀ ଜାଗାରେ ଗୃହ ନିର୍ମାଣ ହେବ

ବାଲିଆପାଳ/ଲଙ୍ଗଳେଶ୍ୱର, ୫/୮ (ନି.ପ୍ର): ବାଲିଆପାଳ ତହସିଲ ବାସୁଦେବପୁର ସରକାରୀ ଗୋଚର ଜାଗାରେ ଅବକାରୀ ଗୃହ ନିର୍ମାଣ ନେଇ ପୂର୍ବରୁ ଜାଗା ଚିହ୍ନଟ ହୋଇଥିଲା।ଏହା ଜଣା ପଡିବା ପରେ ଗୋଚର ଜାଗା ରେ ଗୃହ ନିର୍ମାଣ କରା ନ ଯାଉ ବୋଲି ତହସିଲଦାର ଙ୍କୁ ଜଣାଇ ଥିଲେ। ଏନେଇ ପ୍ରଶାସନ ଓ ଗ୍ରାମବାସୀ ମଧ୍ୟରେ ବିବାଦ ଉପୁଜି ଥିଲା। ଏନେଇ ରବିବାର ଅବକାରୀ ବିଭାଗ ଓ ଗ୍ରାମବାସୀ ଙ୍କ ମଧ୍ୟରେ ବିଚାର ବିମର୍ଶ ପରେ ଗଣ୍ଡଗୋଳ ର ସମାଧାନ ହୋଇ ଥିଲା। ଗୋଚର ଜାଗା ରେ ସ୍ଥାନୀୟ ଅଞ୍ଚଳ ର ଲୋକଙ୍କ ଗାଈ ଗୋରୁ ଚରା ବୁଲା କରନ୍ତି। ତେବେ ସେହି ଗ୍ରାମର ସରକାରୀ ଅନାବାଦୀ ଜାଗାରେ ଅବକାରୀ କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ଗତକାଲି ବୈଠକରେ ସ୍ଥିର ହୋଇଛି। ବୈଠକରେ ଅବକାରୀ କର୍ତୃପକ୍ଷ ଓ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ।

## ମତ୍ସ୍ୟକର୍ମୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ, ୫/୮ (ନି.ପ୍ର): ପୁରୀ ଜିଲ୍ଲା ପାରମ୍ପାରିକ ମତ୍ସ୍ୟକର୍ମୀ ୟୁନିୟନ ପକ୍ଷରୁ ଆଜି ଏକ ବିରାଟ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ୧୩ ଦଫା ସମ୍ବଳିତ ଏହି ଦାବିପତ୍ରରେ ସେମାନଙ୍କ ସମସ୍ୟା ଜଣାଇଛନ୍ତି । ଦାବି ଗୁଡିକ ମଧ୍ୟରେ ପୁରୀ ପେଣ୍ଠକଟାରେ ଫିସିଂ ହର୍ବାଲ ଖୋଲିବା, ମତ୍ସ୍ୟଜୀବୀ ଗ୍ରାମରେ ଫିସ ଲାଣ୍ଡିଂ ସେଣ୍ଟର ଖୋଲିବା ଦାବି ରହିଛି । ସେହିପରି ତାଳବଣିଆ ହାଇଜନିକ ଫିସ ମାର୍କେଟ କାର୍ଯ୍ୟକ୍ରମ କରିବା, ଫନିରେ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ସାହାଯ୍ୟ କରିବା, ତାଲିମ ଓ ଋଣ ପ୍ରଦାନ କରିବା, ମତ୍ସ୍ୟଜୀବୀ ମାନଙ୍କୁ ଡଙ୍ଗା ଜାଲ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଜଣାଇଥିଲେ ।

# ବିଦାୟ ନେଲେ ଉଦଳାର ଶେଷ ସ୍ୱାଧିନତା ସଂଗ୍ରାମୀ ବଂଶୀଧର



ଉଦଳା , ୫/୮ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ଼ ନଂ-୨ର ବାସିନ୍ଦା ସ୍ୱାଧିନତା ସଂଗ୍ରାମି ବଂଶୀଧର ପାଢ଼ି ଚଳିତ ଅଗଷ୍ଟ ୨ ତାରିଖ ଶୁକ୍ରବାର ଦିନ ୯୦ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସହର ମଧ୍ୟରେ ଥିବା ଶ୍ମଶାନଘାଟ ଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ସେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଉଦଳାରେ ସ୍ୱ ଗିରିଶ ଚନ୍ଦ୍ର ରାୟଙ୍କ ନେତୃତ୍ୱରେ ଯେଉଁ ଆନ୍ଦୋଳନ ମୁଣ୍ଡ ଟେକିଥିଲା ଏଥିରେ ସାମିଲ ଥିଲେ । ‘ଚାଷ ଯାହାର ଜମି ତାହାର’ର ନାରା ଦେଇ ଖଟିଖିଆ, ମୁଲିଆ ଓ ଗରିବ ଲୋକଙ୍କୁ ମେଳ କରି ସ୍ୱାଧିନତା ଆନ୍ଦୋଳନକୁ ଯୋର ଦାର କରିବା ପାଇଁ ଉଦ୍ୟମ କରୁଥିଲେ । ଶିଳଘାଟି ବନ୍ଧ ବନ୍ଧା ସମୟରେ ମାଟି ପକାଇବା ସହ ବନ୍ଧ ବାନ୍ଧିବାରେ ସହଯୋଗ କରିଥିଲେ ଓ ଏଥିପାଇଁ ପୋଲିସର ଲାଠି ମାଡ଼ ଖାଇଥିଲେ । ତେବେ ବଂଶୀଧର ପାଢ଼ିଙ୍କର ଦେହାନ୍ତ ଖବର ପାଇ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଉଦଳା ପଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତମାନର କାଉନସିଲର ଶରତ ଚନ୍ଦ୍ର ଦାସ, ସାହିତ୍ୟିକ ପ୍ରଫୁଲ କୁମାର ଖିଲାର ଓ ଉଦଳା ରୋଟାରି କ୍ଲବର ପୂର୍ବତନ ସଭାପତି ହରେନ ପଟ୍ଟନାୟକ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି । ଆମ ଅଂଚଳର ସ୍ୱାଧିନତା ଆନ୍ଦୋଳନ କେମିତି ଚାଲିଥିଲା ଏହାର ବାସ୍ତବ ଘଟଣାବଳି ସମ୍ପର୍କରେ ଜଣେ ଅନୁଭବିଙ୍କ ଠାରୁ କଥା ଶୁଣିବାରେ ଯେଉଁ ଆନନ୍ଦ ମିଳୁଥିଲା ତାହା ସବୁଦିନ ପାଇଁ ଚାଲିଗଲା ବୋଲି ସେମାନେ ତାଙ୍କର ଶୋକ ବାର୍ତାରେ ବ୍ୟକ୍ତ କରିଛନ୍ତି । ଉଦଳା ସହରର ଜୀବିତ ଥିବା ଶେଷ ସ୍ୱାଧିନତା ସଂଗ୍ରାମୀ ବଂଶୀଧର ପାଢ଼ିଙ୍କୁ ହରାଇବା ପରେ ସହରରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ବାମ ପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ଥିଲେ ବଂଶୀଧର । ସ୍ୱାଧିନତା ପରେ ଉଦଳା ରାଜନୀତିରେ ବାମ ପନ୍ଥୀ ନେତାଙ୍କର ଅଭାବ ତାଙ୍କ ଭିତରେ ପ୍ରବଳ ଅସନ୍ତୋଷ ଖେଳାଇ ଦେଇଥିଲା । ଏକଥା ସେ ବିଭିନ୍ନ ସମୟରେ ଅନ୍ୟମାନଙ୍କ ସମ୍ମୁଖରେ ପ୍ରକାଶ କରୁଥିବାର କଥା ଶୁଣିବାକୁ ମିଳେ । ତାଙ୍କର ଅବର୍ତମାନରେ ଉଦଳାରେ ଥିବା ବରିଷ୍ଠ ନାଗରିକ ସଂଘ, ଆମେ ଭଂଜ କଳାକାର, ବଣିକ ସଂଘ, ସାମ୍ବାଦିକ ସଂଘ, ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ, ଓକିଲ ସଂଘ, ମଟରଯାନ କର୍ମଚାରୀ ସଂଘ, ବସ୍ ମାଲିକ ସଂଘ, ଆରଣ୍ୟକ ସାହିତ୍ୟ ସଂସଦ, ଟାଉନ କ୍ଲବ, ଭଂଜ ସେନା ଇତ୍ୟାଦି ବିଭିନ୍ନ ଅନୁଷ୍ଠାନ ଶୋକ ବ୍ୟକ୍ତ କରିଥିବାର ଖବର ଆମର ହସ୍ତଗତ ହୋଇଛି ।

# ମା’ ଧନଲକ୍ଷ୍ମୀ ପ୍ରଡ଼କସନ୍ସର ସମ୍ବର୍ଦ୍ଧନା ଉତ୍ସବ ସହିତ ‘କେମିତି ପ୍ରେମ’ର ଟ୍ରେଲର ରିଲିଜ୍



ଭୁବନେଶ୍ୱର, ୫/୮ (ନି.ପ୍ର): ମା ଧନ ଲକ୍ଷ୍ମୀ ପ୍ରଡ଼କସନ୍ସର ପ୍ରଥମ ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ ଓଡିଶା ମାଟିର ଗୌରବ ସମ୍ମାନ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମା ଧନ ଲକ୍ଷ୍ମୀ ପ୍ରଡ଼କସନ୍ସର ମ୍ୟାନେଜିଂ ଡାଇରେକ୍ଟର ସ୍ମିତା ପାଣିଗ୍ରାହୀ, ପ୍ରଯୋଜକ ଧିରେନ ତ୍ରିପାଠୀ, କାର୍ଯ୍ୟକାରୀ ପ୍ରଯୋଜକ ଲଲାଟେନ୍ଦୁ ଜେନା ଙ୍କ ସହିତ ନନ୍ଦନ ଇଣ୍ଟରନେସନାଲର ଶିବରାମ ସାହୁ, ପ୍ରଣୟ ଜେଠୀ, ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର, ପ୍ରଯୋଜକ ପ୍ରୀତମ, ନିର୍ଦ୍ଦେଶକ ତାପସ ସରଘରିଆ, ରମେଶ ରାଉତ ଏବଂ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ହୋଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅନୁରାଗ ମିଶ୍ର, ନିରଞ୍ଜନ ପାଣିଗ୍ରାହୀ ଉତ୍ସବରେ ମା ଧନଲକ୍ଷ୍ମୀ ପ୍ରଡ଼କସନ୍ସ ବିଷୟରେ ମନ୍ତବ୍ୟ ଦେଇଥିଲେ । ଆଜି ମା ଧନ ଲକ୍ଷ୍ମୀ ପ୍ରଡ଼କସନ୍ସ ତରଫରୁ ୧୫୦ ଜଣ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ସିମ୍ରନ ଦାସ, ଆଦି, ଦିବ୍ୟା, ରାକେଶ, ପ୍ରିୟଙ୍କା ସାହୁ, ପ୍ରିୟଙ୍କା ପାଣିଗ୍ରାହୀ, କୁକିଜ୍ ସ୍ୱାଇଁ, ସୁମନ ପଟ୍ଟନାୟକ, ହିରଣ୍ମୟୀ, ଜୀବନ ପଣ୍ଡା, ବ୍ରଜ ସିଂ, ଗୁଡ୍ଡୁ, ହରିହର ଦାସ, ବ୍ଲାକ ରବି, ଦେବସ୍ମିତା ପଣ୍ଡା, ଦେବଯାନୀ, ହରିହର ମହାପାତ୍ର, ରବି ମିଶ୍ର, ନିକିତା ପାତ୍ର, ପ୍ରତିଭା ପଣ୍ଡା ଆଦି ଅନେକ ପ୍ରତିଷ୍ଠିତ କଳାକାର ଙ୍କୁ ସମ୍ମାନିତ କରାଯାଇଥିଲା । ତା’ସହିତ ମା ଧନ ଲକ୍ଷ୍ମୀ ପ୍ରଡ଼କସନ୍ସ ର ଦ୍ୱିତୀୟ ଅବଦାନ ‘କେମିତି ପ୍ରେମ‘ ର ଟ୍ରେଲର ରିଲିଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଭୂମିକାରେ ଧିରେନ, ରାକେଶ, ପ୍ରିୟଙ୍କା ସାହୁ ଓ ପ୍ରିୟଙ୍କା ପାଣିଗ୍ରାହୀ ଅଭିନେତ୍ରୀ ସହ ଗୁଡ୍ଡୁ, ଲଲାଟ, ସୁଶାନ୍ତ, ଶୁଶୁ କମେଡିନ୍ ଆଉ ମୁଖ୍ୟ ଭିଲିଆନ ରମେଶ ନାୟକ (ରାବଣ) ଅଭିନୟ କରିଛନ୍ତି । ଏହାର ପ୍ରଯୋଜନା କରିଛନ୍ତି ଧିରେନ ତ୍ରିପାଠୀ, ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କାଳୀ ପ୍ରସାଦ ପଣ୍ଡା । ଗୀତ ଗୁଡିକ ଗାଇଛନ୍ତି ସ୍ୱୟଂ ପାଢ଼ୀ, ବିଷ୍ଣୁ ମୋହନ କବି, ତାରିକ ଅଜିଜ, ଅନ୍ତରା ଚକ୍ରବର୍ତ୍ତୀ, ଅର୍ପିତା ପଣ୍ଡା । ମଞ୍ଚ ପରିଚାଳନା ରେ କେପି ଏବଂ ଗୁଡ୍ଡୀ ଥିଲେ ।

# ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ, ବାଲେଶ୍ୱର ଜିଲ୍ଲା ଶାଖାର ବୈଠକ

ବାଲେଶ୍ୱର, ୫/୮ (ନି.ପ୍ର): ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ବାଲେଶ୍ୱର ଜିଲ୍ଲା ଶାଖାର ଏକ ବୈଠକ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ସଭା ଗୃହରେ ମଞ୍ଚର ଉପସଭାପତି ଜିତେନ୍ଦ୍ର କୁମାର ଘୋଷାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାଜରେ ବଢି ଚାଲିଥିବା ଦୁର୍ନୀତିର ଭୟାବହତା କୁ ନେଇ ମଞ୍ଚରେ ଉଦବେଗ ପ୍ରକାଶ ପାଇଥିଲା ଏବଂ ଏହାର ମାତ୍ରା ରୋକିବା ପାଇଁ ସଚେତନତା ସୃଷ୍ଟି କରାଯିବା ପାଇଁ ମଞ୍ଚ ପ୍ରୟାସ ଜାରି ରଖିବାକୁ ସମସ୍ତେ ଆହ୍ୱାନ ଦେଇଥିଲେ।ଏଥିରେ ମଞ୍ଚର ବିଭିନ୍ନ ବ୍ଲକରେ ଅବସ୍ଥିତ ଶାଖାରୁ ସଭ୍ୟ ସଭ୍ୟାମାନେ ଯୋଗଦେଇଥିଲେ। ପୂର୍ବ ବର୍ଷପରି ଏବର୍ଷ ମଞ୍ଚର ୪ର୍ଥ ବାର୍ଷିକ ସମ୍ମିଳନୀ ଆସନ୍ତା ସେପ୍ଟେମ୍ବର ଶେଷ ସପ୍ତାହରେ ହେବବୋଲି ସ୍ଥିର କରାଯାଇ ତାର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ମଞ୍ଚର କାର୍ଯ୍ୟକର୍ତ୍ତାମାନଙ୍କର କାର୍ଯ୍ୟକାଳ କରିଯାଇଥିବାରୁ ଆସନ୍ତା ସେପ୍ଟେମ୍ବର ୨୪ ତାରିଖରେ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ହେବ ବୋଲି ସଂପାଦକ ସୂଚନା ଦେଇଛନ୍ତି। ଏଥିରେ ଜିଲ୍ଲା ମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତା ମହେଶ୍ୱର ପ୍ରଧାନ, ରାଧାକୃଷ୍ଣ ଆଚାର୍ଯ୍ୟ, ଗୟାଧର କର, ଜ୍ଞାନାନନ୍ଦ ମିଶ୍ର,ନାମ ଦେବ କମିଲା, ବାମନ ଚରଣ ଭୋଇ,ବିଜୟ କୁମାର ବେହେରା, ଲକ୍ଷ୍ମଣ କୁମାର ପଣ୍ଡା, ରବିନାରାୟଣ ବେହେରା, ଶିବ ନାରାୟଣ ଜେନା, ପ୍ରକାଶ ଚନ୍ଦ୍ର ମହାପାତ୍ର , ନିରଞ୍ଜନ ମହାରଣା, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo